




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୭ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 07 April 2026

Vol.No. 36 ■ No.92 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ତେହେରାନ ଉପରେ ଇସ୍ରାଏଲ-ଆମେରିକାର ପ୍ରଚଣ୍ଡ ଆକ୍ରମଣ: ଆଇଆରଜିସି ଗୁଇନ୍ଦା ମୁଖ୍ୟ ନିପାତ





ନୂଆଦିଲ୍ଲୀ,୦୬/୪ : ପଶ୍ଚିମ ଏସିଆ ଯୁଦ୍ଧ ଆଜି ୩୮ ଦିନରେ ଅତି ଭୟଙ୍କର ପର୍ଯ୍ୟାୟରେ ପହଞ୍ଚିଛି। ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଧମକ ଦେଇଛନ୍ତି ଏବଂ ଏଥିପାଇଁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ହର୍ମୁଜ ନ ଖୋଲିଲେ ଶକ୍ତିକେନ୍ଦ୍ର ଓ ପୋଲଗୁଡ଼ିକ ଉପରେ ଭୟଙ୍କର ଆକ୍ରମଣ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହି ସମୟ ପାଖେଇ ଆସିବା ସହ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆଜି ପୁଣି ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ଉଭୟ ଆମେରିକା ଓ ଇସ୍ରାଏଲ ଗତକାଲି ରାତି ସାରା ଇରାନର ପ୍ରମୁଖ ସହର ଓ ରାଜଧାନୀ ତେହେରାନରେ ବିମାନ ଆକ୍ରମଣ କରିଛନ୍ତି। ଶୀର୍ଷ ବିଶ୍ୱବିଦ୍ୟାଳୟ ଓ ଜନବସତି ଅଞ୍ଚଳଗୁଡ଼ିକରେ ହୋଇଥିବା ଆକ୍ରମଣ ଯୋଗୁ ଅତି କମ୍‌ରେ ୩୪ ଜଣଙ୍କର ମୃତ୍ୟୁ ହୋଇଛି। ତେହେରାନ ପ୍ରଦେଶର ବାହାରେସ୍ତାନ କାଉଣ୍ଟିରେ ୬ ଶିଶୁଙ୍କ ସମେତ ୨୩ ଜଣଙ୍କର ମୃତ୍ୟୁ ହୋଇଛି। କୋମ୍ ସହରରେ ଏକ ଜନବସତି ଅଞ୍ଚଳରେ ଆକ୍ରମଣ ହେବା ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ଦକ୍ଷିଣ ଇରାନରେ ବନ୍ଦର ଏ ଲେନ୍‌ଗେ ଅଞ୍ଚଳରେ ଅନ୍ୟ ଏକ ବିମାନ ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଇସ୍ରାଏଲ-ଆମେରିକା ମଧ୍ୟ ତେହେରାନର ସମ୍ମାନଜନକ ସରିଫ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଉପରେ ଆକ୍ରମଣ କରିଛନ୍ତି। ସରିଫ ଅଞ୍ଚଳରେ ଆଜି ଏକ ଗ୍ୟାସ୍ ଫ୍ୟାସିଲିଟି ଉପରେ ମଧ୍ୟ ଆକ୍ରମଣ ହୋଇଛି। ଇରାନର ବିଜ୍ଞାନ ଓ ଟେକ୍ନୋଲୋଜି ମନ୍ତ୍ରାଳୟ ଅନୁଯାୟୀ ଫେବ୍ରୁଆରି ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏଯାବତ୍ ଇରାନରେ ମୋଟ୍ ୩୦ ବିଶ୍ୱବିଦ୍ୟାଳୟ ଉପରେ ଆକ୍ରମଣ ହେଲାଣି। ଇରାନର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ରେଜା ଅରେଫ ଅଭିଯୋଗ କରିଛନ୍ତି ଯେ, ଆମେରିକା ବିଶ୍ୱବିଦ୍ୟାଳୟକୁ ଟାର୍ଗେଟ୍ କରିବା ପାଇଁ 'ବଙ୍କର ବଷ୍ଟର' ବ୍ୟବହାର କରିଛି। ଇତି ମଧ୍ୟରେ ଇରାନର ଆଇଆରଜିସି (ଇସଲାମିକ ରିଭୋଲ୍ୟୁସନାରି ଗାର୍ଡ କର୍ପସ) ଗୁଇନ୍ଦା ଅନୁଷ୍ଠାନ ମୁଖ୍ୟ ମେଜର ଜେନେରାଲ ମଜିଦ ଖାଦେମିଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରାଯାଇଛି। ଆଜି ଇରାନର ସାଉଥ୍ ପାର୍ସ ପେଟ୍ରୋକେମିକାଲ ପ୍ଲାଣ୍ଟ ଉପରେ ଇସ୍ରାଏଲ ପ୍ରଚଣ୍ଡ ଆକ୍ରମଣ କରିଥିବା ଦାବି କରିଛି।

◆◆ପୃଷ୍ଠା ୭

## ରାଜ୍ୟରେ ୧୪ଟି ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ

ଭୁବନେଶ୍ୱର, ୦୬/୪ (ନି.ପ୍ର): ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ। ୧୪ କୁଳପତିଙ୍କୁ ନିଯୁକ୍ତ କରିଛନ୍ତି ରାଜ୍ୟପାଳ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଯୁକ୍ତ କରାଯାଇଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ରେଭେନ୍ସା ପାଇଁ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର, ଧରଣୀଧର ବିଶ୍ୱବିଦ୍ୟାଳୟରେ ସଞ୍ଜୟ କୁମାର ପାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବ୍ୟୋମକେଶ ତ୍ରିପାଠୀ, ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟରେ ଅସୀମା ସାହୁ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପବନ କୁମାର ଅଗ୍ରୱାଲ ନିଯୁକ୍ତ ହୋଇଛନ୍ତି। ସେହିପରି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଶିବରାମ ତ୍ରିପାଠୀ, ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓରେ ମହେନ୍ଦ୍ର ମହାନ୍ତି, ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ବିଭୂତି ଭୂଷଣ ମଲ୍ଲିକ, ରମାଦେବୀ ବିଶ୍ୱ ବିଦ୍ୟାଳୟରେ ଜ୍ୟୋତ୍ସ୍ନା କେ.ବି. ରାଉତ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପ୍ରଭାତ କୁମାର ମହାପାତ୍ର, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ହୃଷୀକେଶ ସେନାପତି ଓ ଓଡ଼ିଆ ବିଶ୍ୱ ବିଦ୍ୟାଳୟରେ ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ନିଯୁକ୍ତ କରାଯାଇଛି।

## ସାରଣ୍ଡା ଜଙ୍ଗଲରେ ଲାଣ୍ଡ ମାଇନ ବିସ୍ଫୋରଣ: ସିଆରପିଏଫ ଯବାନ ଆହତ

ବିଶ୍ରା, ୦୬/୪ (ନି.ପ୍ର): ଝାରଖଣ୍ଡର ଚାଇବାସା ଅଞ୍ଚଳର ସାରଣ୍ଡା ଜଙ୍ଗଲରେ ଆଜି ସକାଳେ ଏକ ଲାଣ୍ଡ ମାଇନ ବିସ୍ଫୋରଣ ଘଟିଥିବା ଖବର ମିଳିଛି। ଏହି ବିସ୍ଫୋରଣରେ କୋବ୍ରା ବାଟାଲିଅନର ଜଣେ ଯବାନଆହତ ହୋଇଛନ୍ତି। ବର୍ତ୍ତମାନ ସୁରକ୍ଷା ବଳ ଆହତ ଜବାନଙ୍କୁ ଜଙ୍ଗଲରୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଯାହାକୁ ଚିକିତ୍ସା ପାଇଁ ଏୟାର ଲିଫ୍ଟ ମାଧ୍ୟମରେ ରାଞ୍ଚିକୁ ନିଆଯିବ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, ଏହି ଘଟଣା ସରଣ୍ଡା ଜଙ୍ଗଲର ଛୋଟନାଗରା ଥାନା ଅଞ୍ଚଳର ବାଲିବା ଜଙ୍ଗଲରେ ଘଟିଛି। ପୁଲିସ ଅଧିକାରୀମାନେ କହିଛନ୍ତି ଯେ, ଆହତ ଯବାନଙ୍କୁ ଉଦ୍ଧାର କରି ଶୀଘ୍ର ଭଲ ଚିକିତ୍ସା ପାଇଁ ରାଞ୍ଚିକୁ ଏୟାରଲିଫ୍ଟ କରିବା ପାଇଁ ଉଦ୍ୟମ ଜାରି ରହିଛି। ଚାଇବାସାର ଏସଡିପିଓ ବହାମନ ଟୁଟି କହିଛନ୍ତି ଯେ, ଘଟଣା ସମ୍ପର୍କରେ ସୂଚନା ମିଳିସାରିଛି ଏବଂ ଆହତ ଯବାନଙ୍କୁ ବାହାର କରିବା ପାଇଁ ତତ୍କାଳ ବ୍ୟବସ୍ଥା ନିଆଯାଉଛି। ଇହା ସହିତ ଉକ୍ତ ଅଞ୍ଚଳରେ ମାଓ ବିରୋଧୀ ଅଭିଯାନକୁ ଆହୁରି ତୀବ୍ର କରା ଯାଇଛି। ଏହି ବିସ୍ଫୋରଣରେ କୋବ୍ରା ବାଟାଲିଅନ ୨୦୫ର ଜବାନ ଅନୁଜ କୁମାର ଆହତ ହୋଇଛନ୍ତି। ତାଙ୍କ ପାଦରେ ଆଘାତ ଲାଗିଥିବା ସୂଚନା ମିଳିଛି ଏବଂ ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଛି। ଉଲ୍ଲେଖ୍ୟଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରି ମାସରେ ସାରଣ୍ଡା ଜଙ୍ଗଲରେ 'ଅପରେସନ ମେଘା ଗୁରୁ' ଚାଲୁ କରାଯାଇଥିଲା। ଏହି ଅଭିଯାନରେ କୋବ୍ରା ବାଟାଲିଅନ, ଝାରଖଣ୍ଡ ଜାଗୁଆର ଏବଂ ସିଆରପିଏଫର ପ୍ରାୟ ୪ ହଜାର ଯବାନ ମିଳି ଭାବେ କାର୍ଯ୍ୟ କରିଥିଲେ, ଯେଉଁଥିରେ ୧୬ରୁ ଅଧିକ ନକ୍ସଲ ନିହତ ମଧ୍ୟ ହୋଇଛନ୍ତି।

## ୫କେଜି ସିଲିଣ୍ଡର ପାଇଁ ନାହିଁ କଟକଣା: ପରିଚୟ ପତ୍ର ଦେଖାଇଲେ ମିଳିବ ଗ୍ୟାସ୍



ଭୁବନେଶ୍ୱର, ୦୬/୪ (ନି.ପ୍ର): ଖୋଲାବଜାରରେ ଆଉ ଗ୍ୟାସ ମିଳିବନି । ଯୋଗାଣ ମନ୍ତ୍ରୀ ଏହା କହିବା ପରେ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ, ଶ୍ରମିକ ଓ ବାହାରେ ରହୁଥିବା ଲୋକ ଚିନ୍ତାରେ ପଡ଼ିଥିଲେ । କେଉଁଠୁ ଗ୍ୟାସ ଆଣିବେ, କେମିତି ରୋଷେଇ କରିବେ ଭୟଭୀତ ହୋଇପଡିଥିଲେ। ବିରୋଧୀ ଆନ୍ଦୋଳନର ଚେତାବନୀ ଦେଇଥିଲେ । ବିବାଦ ବଢୁଥିବାବେଳେ ୟୁ-ଟର୍ଣ୍ଣ ମାରିଛନ୍ତି ସରକାର । ଏଥିସହ ଏଲପିଜି ସଂଟକ ନଥିବା କଥା ସ୍ପଷ୍ଟ କରିଛନ୍ତି । ରାଜ୍ୟରେ ଖୋଲା ବଜାରରେ ଘରୋଇ ଗ୍ୟାସ୍ ବିକ୍ରି ବନ୍ଦ ହେବ, କହିବାର ଦିନକ ପରେ କଥା ବଦଳାଇଛନ୍ତି ଯୋଗାଣ ମନ୍ତ୍ରୀ । ଚାରିଆଡୁ ସମାଲୋଚନା ହେବା ପରେ ୫କେଜି ଗ୍ୟାସ ସିଲିଣ୍ଡର ବିକ୍ରି ପ୍ରସଙ୍ଗରେ ପୁଣି ସ୍ପଷ୍ଟିକରଣ ରଖିଛନ୍ତି। ୫କେଜି ଗ୍ୟାସ୍ ସିଲିଣ୍ଡର ବିକ୍ରି ଉପରେ କୌଣସି କଟକଣା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

◆◆ପୃଷ୍ଠା ୭

## କିମ୍‌ଙ୍କ ପ୍ରଯୁକ୍ତିବିଦ୍ୟା ସହାୟତାରେ ଇସ୍ରାଏଲରେ ବିନାଶ ଘଟାଉଛି ତେହେରାନ

ନୂଆଦିଲ୍ଲୀ,୦୬/୪ : ଇସ୍ରାଏଲ ଏବଂ ଆମେରିକା ବିରୋଧରେ ଚାଲିଥିବା ଯୁଦ୍ଧରେ ଇରାନ ବିଶ୍ୱ ସମ୍ମୁଖରେ ନିଜର କ୍ଷେପଣାସ୍ତ୍ର ଦକ୍ଷତା ପ୍ରଦର୍ଶନ କରିଛି। ବିଶେଷଜ୍ଞମାନଙ୍କ ଅନୁସାରେ ଇରାନ କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା ଉତ୍ତର କୋରିଆରୁ ଆଣିଛି। ଏନେଇ ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍ ଆବଶ୍ୟକ ସହାୟତା ଯୋଗାଇ ଦେଉଥିବା କୁହାଯାଉଛି। ଇରାନ କେବଳ ଉପସାଗରୀୟ ଦେଶ ଏବଂ ଇସ୍ରାଏଲକୁ ନୁହେଁ, ବରଂ ଆମେରିକାକୁ ମଧ୍ୟ ଟାର୍ଗେଟ କରିଛି । ଇରାନ ଡିଏଗୋ ଗାର୍ସିଆରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଏକ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା । ବିଶେଷଜ୍ଞମାନେ ଦାବି କରିଛନ୍ତି ଯେ ଏହା ଉତ୍ତର କୋରିଆ ଦ୍ୱାରା ବିକଶିତ କ୍ଷେପଣାସ୍ତ୍ର ମୁସୁଦାନ ଥିଲା। ଇରାନ ୨୦୦୫ରେ ଉତ୍ତର କୋରିଆଠାରୁ ଏପରି ୧୯ଟି କ୍ଷେପଣାସ୍ତ୍ର କିଣିଥିଲା । ୧୯୯୦ ଦଶକରେ ଇରାନ ଉତ୍ତର କୋରିଆଠାରୁ ନୋ ଡୋଙ୍ଗ କ୍ଷେପଣାସ୍ତ୍ର ହାସଲ କରିଥିଲା। ପରବର୍ତ୍ତୀ ସମୟରେ ଇରାନ ନିଜର ପ୍ରଯୁକ୍ତିବିଦ୍ୟାକୁ ଉନ୍ନତ କରି ଇମାଦ ଏବଂ କାଦର କ୍ଷେପଣାସ୍ତ୍ର ବିକଶିତ କରିଥିଲା । ରିପୋର୍ଟ ଅନୁଯାୟୀ, ଇରାନ ପାଖରେ ୧,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରୁଥିବା ଏକ କ୍ଷୁଦ୍ର ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ୩,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରୁଥିବା ଏକ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଅଛି। ଇରାନ ଏବେ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଉପରେ କାର୍ଯ୍ୟ ଜାରି ରଖିଛି । ଟେକ୍ସାସର ଆଞ୍ଜେଲୋ ଷ୍ଟେଟ୍ ୟୁନିଭରସିଟିର ସୁରକ୍ଷା ଅଧ୍ୟୟନ ବିଭାଗର ରାଜନୀତି ବିଜ୍ଞାନ ପ୍ରଫେସର ବ୍ରୁସ୍ ବେଚଟୋଲ୍ ଫକ୍ସ ନ୍ୟୁଜ୍ ଡିଜିଟାଲ୍‌କୁ କହିଛନ୍ତି, ଇରାନ ଏବଂ ଉତ୍ତର କୋରିଆ ମଧ୍ୟରେ ପ୍ରତିରକ୍ଷା ସହଯୋଗ ଦଶନ୍ଧି ପୁରୁଣା। ଏହି ବ୍ୟବସ୍ଥାରେ ଉତ୍ତର କୋରିଆ ଅସ୍ତ୍ରଶସ୍ତ୍ର ଯୋଗାଇବା ଏବଂ ଇରାନ ତେଲ ଯୋଗାଇବା ଅନ୍ତର୍ଭୁକ୍ତ ।

## ପିଏନଜି ସଂଯୋଗ ନେବାକୁ ଯୋଗାଣ ସଚିବଙ୍କ ଆହ୍ୱାନ

ଭୁବନେଶ୍ୱର, ୦୬/୪ (ନି.ପ୍ର): ଏଲପିଜି ଠାରୁ ପିଏନଜି ଦରକମ। ତେଣୁ ସମସ୍ତେ ବ୍ୟବାହର କଲେ ଭଲ । ପିଏନଜି କନେକସନକୁ ଆବେଦନ କରି ନେଇ ପାରିବେ ବୋଲି ଯୋଗାଣ ସଚିବ ସଂଜୟ ସିଂ କହିଛନ୍ତି । ଦୃତଗତିରେ ପିଏନଜି ସଂଯୋଗ ଆରମ୍ଭ କରାଯାଇଛି। ଯେଉଁ ମାନେ ପିଏନଜି କନେକ୍ସନ୍ ନେଇଛନ୍ତି ସେମାନେ ବ୍ୟବହାର କରନ୍ତୁ ବୋଲି ସଚିବ କହିଛନ୍ତି ।

## ବଢୁଛି ବେକାରି, ଅବସରପ୍ରାପ୍ତଙ୍କୁ ଚାକିରି: ଗଳାବାଟ ବାହାର କଲେ ସରକାର

ଭୁବନେଶ୍ୱର, ୦୬/୪ (ନି.ପ୍ର): ନିଯୁକ୍ତି ପାଇଁ ରାସ୍ତାକୁ ଓହ୍ଲାଉଛନ୍ତି ଯୁବବର୍ଗ । ସରକାରୀ ଚାକିରି ଖଣ୍ଡେ ପାଇବେ ବୋଲି ଦିନରାତି ଏକ କରି ଦେଉଛନ୍ତି । ହେଲେ ଯୁବବର୍ଗଙ୍କ ନିଯୁକ୍ତିରେ ଭାଗ ବସାଉଛନ୍ତି ଅବସରପ୍ରାପ୍ତ ଅଧିକାରୀ। ଆଉ ସରକାର ମଧ୍ୟ ଅବସରପ୍ରାପ୍ତଙ୍କ ପାଇଁ ହୃଦୟ ଖୋଲି ଦେଇଛନ୍ତି । ପୂର୍ବରୁ ଅବସରପ୍ରାପ୍ତଙ୍କ ପୁନଃନିଯୁକ୍ତିରେ ଟଣାଯାଇଥିବା ଲକ୍ଷ୍ମଣରେଖାକୁ ଲିଭାଇଛନ୍ତି ସରକାର । ଆଉ ଅବସରପ୍ରାପ୍ତ ଅଧିକାରୀଙ୍କ ନିଯୁକ୍ତିକୁ କରିଛନ୍ତି ସହଜ । ୧୨ ସେପ୍ଟେମ୍ବର ୨୦୨୪। ଆକ୍ସନମୋଡରେ ଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା । ଦ୍ୱିତୀୟ ମହଲାରୁ ନିର୍ଦ୍ଦେଶ ଆସିଲା, ଏଣିକି ଅବସରପ୍ରାପ୍ତ ପୁନଃ ନିଯୁକ୍ତିରେ ଅଙ୍କୁଶ ଲାଗିବ । ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦେବାକୁ ହେଲେ ଅନେକ ଗୁଡିଏ ଦିଗକୁ ତର୍ଜମା କରିବ ବିଭାଗ । ହେଲେ ପ୍ରାଶାସନିକ ମୁଖ୍ୟ ବଦଳିବା ପରେ ଅବସରପ୍ରାପ୍ତଙ୍କ ନିଯୁକ୍ତିରେ ଲାଗିଥିବା ଅଙ୍କୁଶ କୋହଳ ହୋଇଛି। ଏପ୍ରିଲ ୨ ତାରିଖରେ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ ପୂର୍ବରୁ ଥିବା କଠୋର ଦିଗ ଗୁଡିକୁ ପ୍ରତ୍ୟାହାର କରାଯାଇଛି । ଚିଠିରେ ଦର୍ଶାଯାଇଥିବା ନୂତନ ସଂକଳ୍ପ ଅବସରପ୍ରାପ୍ତଙ୍କ ପୁନଃ ନିଯୁକ୍ତିକୁ ଅତି ସହଜ ଓ ସୁବିଧାଜନକ କରିଛି। ପୂର୍ବରୁ ଅବସରପ୍ରାପ୍ତଙ୍କ ପୁନଃନିଯୁକ୍ତି ପାଇଁ ସରକାର ଯେଉଁ ଲକ୍ଷ୍ମଣରେଖା ଟାଣିଥିଲେ ତାହାକୁ ପାର କରି ପୁଣିଥରେ ସରକାରୀ ଦପ୍ତରରେ ବସିବା ସହଜ ନଥିଲା। ହେଲେ ନୂଆ ସଂକଳ୍ପରେ ପୁନଃନିଯୁକ୍ତି ପାଇଁ ପୂର୍ବରୁ ଥିବା ସର୍ବୋଚ୍ଚ ମାପଦଣ୍ଡ, ୬୦ ମାସର ଆଉଟ୍‌ଷ୍ଟାଣ୍ଡିଂ

◆◆ପୃଷ୍ଠା ୭

## ଆକ୍ସନ ମୋଡ୍‌ରେ ପରିବହନ ବିଭାଗ: ରାସ୍ତାରେ ଗଡ଼ିବନି ବାହାର ରାଜ୍ୟର ପୁରୁଣା ଗାଡ଼ି



ଭୁବନେଶ୍ୱର, ୦୬/୪ (ନି.ପ୍ର): ଓଡ଼ିଶାର ରାଜପଥରେ ଏଣିକି ଗଡ଼ିବନି ବାହାର ରାଜ୍ୟର ପୁରୁଣା ଗାଡ଼ି । ଯଦି ଆପଣଙ୍କ ପାଖରେ ଅନ୍ୟ ରାଜ୍ୟର ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ି ଅଛି, ତେବେ ସାବଧାନ! କାରଣ ପରିବହନ ବିଭାଗ ଏବେ ଆକ୍ସନ ମୋଡ୍‌ରେ । ରାଜ୍ୟ ପରିବହନ ବ୍ୟବସ୍ଥାକୁ ଚକ୍‌ଚକିଆ ଏବଂ ସୁରକ୍ଷିତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର । ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ପରେ ଏବେ ସାରା ରାଜ୍ୟରେ କଡ଼ାକଡ଼ି ହେବାକୁ ଯାଉଛି ନିୟମ । ୧୯ ଜୁଲାଇ ୨୦୨୩ରେ ବସିଥିବା ଏସଟିଏ ବୈଠକର ନିଷ୍ପତ୍ତିକୁ ଏବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଆରଟିଓଙ୍କୁ ସ୍ପଷ୍ଟ ଚିଠି ଲେଖାଯାଇଛି।

◆◆ପୃଷ୍ଠା ୭

## ତାମିଲନାଡୁ ନିର୍ବାଚନ ବ୍ରାହ୍ମଣମୁକ୍ତ !: ଡିଏମ୍‌କେଠାରୁ ବିଜେପି ପର୍ଯ୍ୟନ୍ତ କୌଣସି ପ୍ରମୁଖ ଦଳ ଦେଇନାହାନ୍ତି ଟିକେଟ୍



ନୂଆଦିଲ୍ଲୀ,୦୬/୪ : ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତି ଏଥର ଏକ ଆକର୍ଷଣୀୟ ମୋଡ଼ରେ ଥିବା ପରି ମନେ ହେଉଛି । ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରମୁଖ ଦଳ ଏପରି ଏକ ରଣନୀତି ଗ୍ରହଣ କରିଛନ୍ତି ଯାହା ଦଶନ୍ଧି ମଧ୍ୟରେ କ୍ୱଚିତ୍ ଦେଖାଯାଇଛି । ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରାୟ ୩୫ ବର୍ଷ ମଧ୍ୟରେ ପ୍ରଥମ ଥର ରାଜ୍ୟର କୌଣସି ପ୍ରମୁଖ ଦଳ ବ୍ରାହ୍ମଣ ସମ୍ପ୍ରଦାୟରୁ ଜଣେ ହେଲେ ପ୍ରାର୍ଥୀଙ୍କୁ ଛିଡ଼ା କରିନାହାନ୍ତି। ଦ୍ରାବିଡ ମୁନେତ୍ର କାଝଗମ (ଡିଏମ୍‌କେ), ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ର କାଝଗମ (ଏଆଇଏଡିଏମ୍‌କେ), କଂଗ୍ରେସ, କିମ୍ବା ଭାରତୀୟ ଜନତା ପାର୍ଟି (ବିଜେପି) ଆଦି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ତାଲିକାରୁ ବ୍ରାହ୍ମଣ ସମ୍ପ୍ରଦାୟ ସ୍ପଷ୍ଟ ଭାବରେ ଅନୁପସ୍ଥିତ ଅଛ। ଏହି ପରିବର୍ତ୍ତନକୁ କେବଳ ଏକ ରାଜନୈତିକ ସଂଯୋଗ ଭାବରେ ବିବେଚନା କରାଯାଉନାହିଁ,

◆◆ପୃଷ୍ଠା ୭

## ଆଜାଦନଗର ବିସ୍ଫୋରଣ ଘଟଣା : ଅପରାଧିକ ଲିଙ୍କ୍ ଓ ଆତଙ୍କି ହମଲାର ତଦନ୍ତ କରିବ ଏନଆଇଏ

ଭୁବନେଶ୍ୱର, ୦୬/୪ (ନି.ପ୍ର): ରାଜଧାନୀ ଆଜାଦନଗର ବିସ୍ଫୋରଣ ଘଟଣାରେ ଅପରାଧିକ ଲିଙ୍କ ଓ ଆତଙ୍କି ହମଲା ସମ୍ପର୍କିତ ତଦନ୍ତ କରିବ ଏନଆଇଏ। ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗରରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ସେହେନୱାଜ ମଲ୍ଲିକ ଓରଫ ମଫି ଓ ତା' ମା'ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏନଆଇଏ ଏ ନେଇ କେସ ନମ୍ବର ୧ / ୨୦୨୬ ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତର ପୂର୍ଣ୍ଣ ଭାର କମିଶନରେଟ ପୋଲିସ ଠାରୁ ହାତକୁ ନେଇଛି ।

# ବଲାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ ଆୟୋଜିତ

## ବଲାଙ୍ଗୀ ମୋହୋତ୍ସବ ମୟୁରଭଞ୍ଜର ଏକ ଅନନ୍ୟ ସାଂସ୍କୃତିକ ଧାରା



ବାରିପଦା , ୦୬/୪ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନ ର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୁରଭଞ୍ଜ ବାଲିମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ଥର ୨୪ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୬ ଏପ୍ରିଲ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ପାଳିତ ହେବ। ଏହିପରିପ୍ରେକ୍ଷୀରେ ଆଜି ବାରିପଦା ଡିଭାଇନ ଇଞ୍ଜିନିୟରିଙ୍ଗ କଲେଜ ପରିସରରେ ନୃତ୍ୟ ପ୍ରତିଭା ଚୟନ ଭିତ୍ତିକ କାର୍ଯ୍ୟକ୍ରମ ବଳାଙ୍ଗୀ ଟେଲେଣ୍ଟହଣ୍ଟ ମେଗା ଅଡିସନ ଅନୁଷ୍ଠିତ ହୋଇଯାଇଛି। କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସମାଜସେବୀ ବିଶ୍ୱଜିତ ନାୟକ, ଉପଦେଷ୍ଟା ଡ଼. ଶଶୀ ଧର ବିଶ୍ୱାଳ, ଅଶୋକ କୁମାର ପଲେଇ ପ୍ରମୁଖ ଯୋଗଦେଇ ବଳାଙ୍ଗୀ ମହୋତ୍ସବ ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ଗଢିତୋଳିଛି ବୋଲି କହିଥିଲେ।ସମ୍ପାଦକ ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅଡିସନରେ ସବ ଜୁନିୟର, ଜୁନିୟର ଏବଂ ସିନିୟର ବିଭାଗରେ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ, ବିଚାରକ ଭାବରେ ପ୍ରସିଦ୍ଧ ନୃତ୍ୟ କରିୟଗ୍ରାଫର ମାଷ୍ଟର ଶଙ୍କର ପ୍ରସାଦ, ମିସ ରୁପାଲୀ ଏବଂ ମିସ ଅନିନ୍ଦିତା ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତା ପରେ ଆୟୋଜିତ ଉଦଯାପନୀ ଉତ୍ସବରେ ଫଳା ଫଳ ଘୋଷଣା କରାଯାଇ ଟପଟେନ ପ୍ରତିଯୋଗୀଙ୍କୁ ଗୋଲଡେନ କାର୍ଡ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ବିଶିଷ୍ଟ ସ୍ଥପତି ମୋନଜ କୁମାର କୁଅଁର ମୁଖ୍ୟଅତିଥି ଭାବରେ ଯୋଗଦେଇ ବଳାଙ୍ଗୀ ମୋହୋତ୍ସବ ଜିଲ୍ଲାରେ ଏକ ଅନନ୍ୟ ସାଂସ୍କୃତିକ ଧାରା ବୋଲି କହିଥିଲେ। କମିଟି ତରଫରୁ ବରିଷ୍ଠ ସଦସ୍ୟ ଗୋଲୋକ ମହାନ୍ତି, ଇନ୍ଦୁମତି ମହାନ୍ତି, ଆଇନଜୀବି ରାଜକିଶୋର ମହାନ୍ତ, ସାମ୍ବାଦିକ ରୋହିତ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ବଳାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ ମଞ୍ଚ ପରିଚାଳନା କରିଥିଲେ। ବଳାଙ୍ଗୀ ସେନାର ଦିଲ୍ଲିପ କୁମାର ପାତ୍ର, ବିଜୁ ଜିତ, ରଞ୍ଜିତ ପଲେଇ, ସୁଦିପ ନାୟକ, ପ୍ରକାଶ କାଣ୍ଡି, ଦେବାଶିଷ ଜିତ, ବିଶ୍ୱଜିତ ପାତ୍ର, ଆକାଶ ଭଞ୍ଜଦେଓ, ସତ୍ୟକାମ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାରଓ୍ୱାଡି ଯୁବା ମଂଚ ବଲାଙ୍ଗିର ଶାଖାର ଶପଥ ଗ୍ରହଣ ସମାରୋହ ଭବ୍ୟତାର ସହିତ ସମ୍ପନ୍ନ : ମୁକେଶ ହେଲେ ସଭାପତି, ଶୁଭମ ହେଲେ ସଂପାଦକ

ବଲାଙ୍ଗିର, ୦୬/୪ (ନି.ପ୍ର): ମାରଓ୍ୱାଡି ଯୁବା ମଂଚ ବଲାଙ୍ଗିର ଶାଖା ପକ୍ଷରୁ ମାରଓ୍ୱାଡି ସେବା ସଦନରେ ଆୟୋଜିତ ଶପଥ ଗ୍ରହଣ ସମାରୋହ ୨୦୨୬ ବହୁତ ହର୍ଷୋଲ୍ଲାସ, ଉତ୍ସାହ ଓ ସାମାଜିକ ଏକତାର ମାହୋଲରେ ସଫଳତାର ସହ ଶେଷ ହୋଇଛି । ଏହି ଅବସରରେ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ, ବୃଦ୍ଧଜନ, ମାତୃଶକ୍ତି, ନାରୀଶକ୍ତି, ଯୁବା ମଂଚର ପୂର୍ବତନ ଅଧକ୍ଷମାନେ ଓ ବହୁ ସଂଖ୍ୟାରେ ଯୁବ ସଦସ୍ୟମାନଙ୍କର ଉପସ୍ଥିତି ଦେଖିବାକୁ ମିଳିଥିଲା । ଏହି ସମାରୋହରେ ଉତ୍କଳ ପ୍ରଦେଶିକ ମାରଓ୍ୱାଡି ସମ୍ମେଳନର ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ ନକୁଳ ଅଗ୍ରଓ୍ୱାଲ ଓ ବର୍ତମାନ ପ୍ରାନ୍ତୀୟ କୋଷାଧକ୍ଷ ସିଏ ନରେନ୍ଦ୍ର ଜୈନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ସମ୍ବଲପୁରରୁ ଆସିଥିବା ଓଡିଶା ପ୍ରାନ୍ତୀୟ ମାରଓ୍ୱାଡି ଯୁବ ମଂଚର ନିବର୍ତମାନ ଅଧକ୍ଷ ପରାଗ ଅଗ୍ରଓ୍ୱାଲ ମୁଖ୍ୟ ଅତିଥି ଭାବେ ମଂଚାସିନ ହୋଇଥିଲେ । କାର୍ଯ୍ୟକ୍ରମର ଆରମ୍ଭ ମାରଓ୍ୱାଡି ସମାଜର ଶିଶୁମାନଙ୍କ ଦ୍ୱାରା ପ୍ରଦର୍ଶିତ ମନୋମୋହକ ଓ ଆକର୍ଷଣୀୟ ନୃତ୍ୟ ଅନୁଷ୍ଠାନ ସହିତ ହୋଇଥିଲା ଯାହା ସମସ୍ତ ଅତିଥି ଓ ଦର୍ଶକମାନଙ୍କୁ ମନୋହର କରିଥିଲା । ଦୀପ ପ୍ରଜ୍ଜଳନ ମାଧମରେ ଅନୁଷ୍ଠାନର ଶୁଭାରମ୍ଭ କରାଯାଇଥିଲା । ଶାଖାର ନିବର୍ତମାନ ଅଧକ୍ଷ ନିଲେଶ କୁମାର ଅଗ୍ରଓ୍ୱାଲ ତାଙ୍କର ଏକ ବର୍ଷର କାର୍ଯ୍ୟକାଳର ବିସ୍ତୃତ ପ୍ରତିବେଦନ ପ୍ରଦାନ କରିଥିଲେ । ସେ ସମୟରେ କରାଯାଇଥିବା ବିଭିନ୍ନ ସାମାଜିକ ଓ ସେବାମୂଳକ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରି ସମସ୍ତ ଯୁବ ସଦସ୍ୟଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଯୁବ ସଦସ୍ୟମାନଙ୍କୁ ସମ୍ମାନିତ ମଧ କରାଯାଇଥିଲେ । ସମାରୋହର ମୁଖ୍ୟ ଆକର୍ଷଣ ଭାବେ ଶପଥ ଗ୍ରହଣ ଅନୁଷ୍ଠାନ ଆୟୋଜିତ ହୋଇଥିଲା । ଏଥିରେ ସିଏ ମୁକେଶ ଅଗ୍ରଓ୍ୱାଲ ମୁଖ୍ୟ ଅତିଥି ପରାଗ ଅଗ୍ରଓ୍ୱାଲଙ୍କ ଦ୍ୱାରା ଅଧକ୍ଷ ପଦର ଶପଥ ପ୍ରଦାନ କରାଯାଇଥିଲେ । ଏହିପରି ତାଙ୍କର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ଅଖିଳ ଭାରତୀୟ ମାରଓ୍ୱାଡି ଯୁବା ମଂଚର ନିବର୍ତମାନ ଜାତୀୟ ଉପାଧକ୍ଷ ସିଏ ଦୀପକ ଛାପଡିଆଙ୍କ ଦ୍ୱାରା ଶପଥ ଦିଆଯାଇଥିଲା । ଶପଥ ପାଠ ପରେ ମାରଓ୍ୱାଡି ଯୁବ ମଂଚ ପକ୍ଷରୁ ୨ଲକ୍ଷ ଟଙ୍କାର ଅର୍ଥ ରାଶି ନିଲେଶ କୁମାର ଅଗ୍ରଓ୍ୱାଲ ଓ ସିଏ ମୁକେଶ ଅଗ୍ରଓ୍ୱାଲଙ୍କ ହସ୍ତେ ସେବା ସଦନ ସମିତିର ପଦାଧିକାରୀମାନଙ୍କୁ ଅର୍ପଣ କରାଯାଇଥିଲା, ଯାହା ସମାଜ ସେବା ପ୍ରତି ସଂଗଠନ ଅତୁଟ ନିଷ୍ଠାକୁ ପ୍ରକାଶ କରିଥିଲା । ନବନିର୍ବାଚିତ ଯୁବ ଅଧକ୍ଷ ମୁକେଶ ଅଗ୍ରଓ୍ୱାଲ ତାଙ୍କ ଉଦବୋଧନରେ ସମାଜ ପ୍ରତି ନିଜର ସମର୍ପଣ ଭାବକୁ ପ୍ରକାଶ କରିଥିଲେ । ସେ ତାଙ୍କ କାର୍ଯ୍ୟକାଳରେ ଅଧିକରେ ଅଧିକ ସାମାଜିକ ଓ ସେବେମୂଳକ କାର୍ଯ୍ୟ କରିବା ସହିତ ଯୁବ ମଂଚକୁ ନୂଆ ଉଚ୍ଚତାରେ ପହଂଚାଇବାର ଦୃଢ ସଂକଳ୍ପ ବ୍ୟକ୍ତ କରିଥିଲେ । ସମାରୋହରେ ଯୁବ ଶକ୍ତି, ରାଷ୍ଟ୍ର ଶକ୍ତି ନାରାରେ ସମଗ୍ର ପରିବେଶ ଦେଶଭକ୍ତି ଓ ଉତ୍ସାହରେ ମୁଖରିତ ହୋଇଯାଇଥିଲା । ଶେଷରେ ଧନ୍ୟବାଦ ଜ୍ଞାପନ ସହିତ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବୁଦ୍ଧିଜୀବି ସମ୍ମିଳନୀ

ଭୁବନ, ୦୬/୪ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନର ପ୍ରସିଦ୍ଧ ଶକ୍ତପୀଠ ହିଙ୍ଗୁଳା ପୀଠରେ ଭୁବନ, କାମାକ୍ଷା ନଗର, ପରଜଙ୍ଗ ଓ କଙ୍କଡ଼ାହାଡ଼ ଆର୍ ଏସ ଏସ ଖଣ୍ଡର ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୁବନ ଖଣ୍ଡ ଚାଳକ ପ୍ରଭାତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ଓଡ଼ିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଅଧିବକ୍ତା ସର୍ବେଶ୍ୱର ବେହେରା ଉପସ୍ଥିତ ରହି ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ଶତବାର୍ଷିକ ଅବସରରେ ସଂଘ ସମାଜକୁ ଯୋଡ଼ିବାର ପ୍ରୟାସ ସଫଳ କରିପାରିଛି। ନାଗରିକ ଅଧିକାର ସହ କର୍ତବ୍ୟ କୁ ପାଳନ କଲେ ଭାରତ ପରମ ବୈଭବଶାଳୀ ହୋଇପାରିବ। ଶହେ ବର୍ଷର ଉପଲବ୍ଧି ଉପରେ ଆଲୋକପାତ କରି ବୁଦ୍ଧିଜୀବୀଙ୍କୁ ରାଷ୍ଟ୍ରରେ ଏକତା ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଦିଲ୍ଲୀପ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ନଗର କାର୍ଯ୍ୟବାହ ସିଲୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଲ୍ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ସର୍ବୋତ୍ତମ ଆର୍ଥିକ ବର୍ଷର ପ୍ରଦର୍ଶନ



ରାଉରକେଲା, ୦୬/୪ (ନି.ପ୍ର): ଦେଶର ସର୍ବବୃହତ ମହାରତ୍ନ ଇସ୍ପାତ କମ୍ପାନୀ ସେଲ୍ ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନା (ଆରଏସପି), ୨୦୨୫-୨୬ ଆର୍ଥିକ ବର୍ଷରେ ନିଜର ସର୍ବୋତ୍ତମ ପ୍ରଦର୍ଶନ ପଞ୍ଜୀକୃତ କରି, ପ୍ରମୁଖ ଉତ୍ପାଦନ ଏବଂ ଟେକ୍ନୋ-ଅର୍ଥନୈତିକ ମାନଦଣ୍ଡ ଗୁଡିକରେ ଏହାର ନୂତନ ମାଇଲଖୁଣ୍ଟ ହାସଲ କରିଛି।

ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସ୍-୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ଉଭୟରୁ ସର୍ବୋତ୍ତମ ଉତ୍ପାଦନ ରେକର୍ଡ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୧ ରୁ ୧୦,୭୦,୩୭୯ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ହେଇଥିବାବେଳେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ରୁ ୩୨,୪୬,୩୬୧ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦିତ ହୋଇଥିଲା। ଯାହା ଗତ ବର୍ଷ ସମାନ ଅବଧିରେ ଉତ୍ପାଦିତ ହୋଇ ଥିବା ୩୧,୩୨,୩୧୬ଟନ୍ କୁ ୩.୬% ଅଭିବୃଦ୍ଧି ହାରରେ ଅତିକ୍ରମ କରିଛି।

ସେହିଭଳି, ନ୍ୟୁ ପ୍ଲେଟ୍ ମିଲ୍ (ଏନପିଏମ) ରେ ୬.୬% ଅଭିବୃଦ୍ଧି ହାର ରେକର୍ଡ ସହ ସର୍ବକାଳୀନ ଶ୍ରେଷ୍ଠ ୯,୯୩,୩୫୧ଟନ୍ ପ୍ଲେଟ୍ ଉତ୍ପାଦନ ହୋଇଛି । ହଟ୍ ଷ୍ଟ୍ରିପ୍ ମିଲ୍ ୨ (ଏଚଏସଏମ-୨) ମଧ ଉପରୋକ୍ତ ଅବଧି ମଧରେ ସର୍ବୋତ୍ତମ ଫଳାଫଳ ହାସଲ କରି ସମାନ ସଫଳତା ଲାଭ କରିଛି। ଏଚଏସଏମ-୨ ଉକ୍ତ ସମୟ ମଧରେ, ମୋଟ ୨୬,୭୦,୨୪୩ ଟନ୍ ଏଚଆର କଏଲ୍ ଉତ୍ପାଦନ କରି ୪.୩ % ଅଭିବୃଦ୍ଧି ହାର ହାସଲ କରିଥିଲା। ଏଚଏସଏମ-୨ ର ନୂତନ ସିଟ୍ ସିୟରିଂ ଲାଇନ (ଏସଏସଏଲ) ମଧ ୩,୧୪,୩୫୬ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରି ଏହାର ସର୍ବୋତ୍ତମ ଆର୍ଥିକ ପ୍ରଦର୍ଶନ ପଞ୍ଜିକୃତ କରିଛି । ଯାହା ଗତ ବର୍ଷର ସମ ଅବଧି ତୁଳନାରେ ୧୮.୭% ଅଭିବୃଦ୍ଧି ଅଟେ । ଆମ ପ୍ରତିରକ୍ଷା କ୍ଷେତ୍ରକୁ ଯୋଗାଣ କରୁଥିବା ସ୍ୱତନ୍ତ୍ର ପ୍ଲେଟ୍ ଉତ୍ପାଦନରେ, ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଣ୍ଟ ସର୍ବୋତ୍ତମ ୩୯୦୫ଟନ୍ ର ସ୍ୱତନ୍ତ୍ର ପ୍ଲେଟ୍ ଉତ୍ପାଦନ କରି ୨୦୧୭-୧୮ ଆର୍ଥିକ ବର୍ଷରେ ହାସଲ କରାଯାଇଥିବା ସର୍ବୋତ୍ତମ ୩୩୬୬ ଟନ୍ ପରିସଂଖ୍ୟାନକୁ ଅତିକ୍ରମ କରିଛି। ସେହି ପରି, ଚଳିତ ଆର୍ଥିକ ବର୍ଷରେ ଆରଏସପି ୪୧,୬୫,୨୨୨ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରିଛି ଯାହା ଗତ ବର୍ଷର ଉତ୍ପାଦନ ସଂଖ୍ୟା ୪୦,୮୦,୪୫୧ଟନ୍ କୁ ଅତିକ୍ରମ କରି ୨.୧% ସ୍ଥିର ଅଭିବୃଦ୍ଧି ହାର ପଞ୍ଜୀକୃତ କରିଛି।

ଏହା ଉଲ୍ଲେଖନୀୟ ଯେ, ସଦ୍ୟ ସମାପ୍ତ ଆର୍ଥିକ ବର୍ଷରେ, ଆରଏସପି ଟେକ୍ନୋ-ଅର୍ଥନୈତିକ ପରିମାପକରେ ନୂତନ ମାନଦଣ୍ଡ ମଧ ସୃଷ୍ଟି କରିଛି। କଠୋର କାର୍ଯ୍ୟ ଶୃଙ୍ଖଳା ଏବଂ ଉତ୍କୃଷ୍ଟ ମୂଲ୍ୟ ନିପୁଣତାର ଧାରା ପାଳନ କରି ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସରେ ସର୍ବୋତ୍ତମ କୋକ୍ ହାର, ବିଏଫ ଉତ୍ପାଦକତା ଏବଂ କୋଇଲାରୁ ଉତ୍ତପ୍ତ ଧାତୁ ଉତ୍ପାଦନ ହାର ରେ ନୂତନ ଶିଖର ଛୁଇଁଛି । ସେହିପରି ଷ୍ଟିଲ୍ ମେଲ୍ଟିଂ ସପ୍-୨ରେ, ମୋଟ ସର୍ବୋତ୍ତମ ଧାତୁ ବ୍ୟବହାର ପଞ୍ଜୀକୃତ କରିଛି। ସେହିପରି ଆରଏସପି, ନିର୍ଦ୍ଦିଷ୍ଟ ବିଦ୍ୟୁତ୍ ଏବଂ ଜଳ ବ୍ୟବହାରରେ ମଧ ନୂତନ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି।

ସୂଚନା ଯୋଗ୍ୟ, ଏହି ପ୍ରଭାବଶାଳୀ ପ୍ରଦର୍ଶନ ସହିତ ଆରଏସପି, ଉତ୍ପାଦନ ଏବଂ ଟେକ୍ନୋ ଅର୍ଥନୈତିକ ପରିମାପକ ଉଭୟରେ ଉତ୍କୃଷ୍ଟ ପ୍ରଦର୍ଶନ ସହିତ ଚଳିତ ବର୍ଷ ନିମନ୍ତେ ସ୍ଥିରିକୃତ ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ଆତ୍ମବିଶ୍ୱାସୀ ଅଟେ। ଆଗାମୀ ଦିନରେ ଆରଏସପି, ନୂତନ ଉତ୍ପାଦ ବିକାଶ, ଷ୍ଟକ୍ ହ୍ରାସ, ରାଜସ୍ୱ ସର୍ବାଧିକରଣ ଏବଂ ଅପଚୟର ଲାଭଦାୟକ ବିନିଯୋଗ ରେ ବିଶେଷ ପ୍ରୋତ୍ସାହନ ସହିତ ଲାଭଦାୟକତାକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛି।

# ଓଡ଼ିଆ ପକ୍ଷରେ ପାଳନ ଅବସରରେ ସୁବର୍ଣ୍ଣପୁରରେ ଐତିହାସିକ ଗଣ ଦୌଡ ଆୟୋଜିତ

ସୁବର୍ଣ୍ଣପୁର, ୦୬/୪ (ନି.ପ୍ର): ଆଜି ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଐତିହାସିକ ଗଣ ଦୌଡ ଆୟୋଜିତ ହୋଇଯାଇଛି। ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀଙ୍କ ପୀଠରୁ ସକାଳ ୬.୩୦ ଟାରୁ ଆରମ୍ଭ ହୋଇଥିବା ଏହି ଦୌଡ ନଳିନୀ ଛକ, ବିଜୁ ପଟ୍ଟନାୟକ ଛକ, ମସଜିଦ ଛକ ଓ କୋର୍ଟ ଛକ ଦେଇ ସହର ପରିକ୍ରମା କରି ସୋନପୁର ମହାବିଦ୍ୟାଳୟରେ ସକାଳ ୮.୩୦ ଟାରେ ଉଦଯାପିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ଓ ସୋନପୁର ପୌରପାଳିକା ଅଧକ୍ଷ ଶ୍ରୀମତୀ ତାମାସୀ ତମସ୍ମିତା ନାଏକ ସବୁଜ ପତାକା ଦେଖାଇ ଏହି ଦୌଡର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଓ ଯୁବ ସେବା ଅଧିକାରୀ ଶ୍ରୀ ଚିତ୍ତ ରଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଯମୁନା ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ଓଡ଼ିଆ ପକ୍ଷ ପାଳନର ପଂଚମ ଦିନରେ ଆୟୋଜିତ ଏହି ଗଣ ଦୌଡ ଲୋକମାନଙ୍କ ମଧରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଗାରିମା ପ୍ରତି ସଚେତନତା ସୃଷ୍ଟି କରିଥିଲା। ଏହି ଦୌଡରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ, କୋଶଳ ଉଚ୍ଚ ବିଦ୍ୟାଳୟ, ସରକାରୀ ବହୁବୃତି ଅନୁଷ୍ଠାନ, ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟ, ମହାରାଜା ଉଚ୍ଚ ବିଦ୍ୟାଳୟ, ମହିଳା ଡିଗ୍ରୀ ମହାବିଦ୍ୟାଳୟ, ସୋନପୁର ମହାବିଦ୍ୟାଳୟ ର ୫୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଏବଂ ତାଙ୍କର ଶିକ୍ଷକ ଶିକ୍ଷୟତ୍ରୀ ମାନେ ସାମିଲ ହୋଇଥିଲେ । ଏହା ଛଡା ସୋନପୁର-ମନମୁଣ୍ଡା ର ସ୍ୱଚ୍ଛ ଭାରତ ସଂଗଠନ ମଧ ଗଣ ଦୌଡ଼ରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ, ଜିଲ୍ଲା ପୋଲିସ ବିଭାଗ, ଜିଲ୍ଲା ଚିକିତ୍ସା ବିଭାଗ ର ସ୍ୱାସ୍ଥ୍ୟ ଟିମ ଓ ତାଙ୍କର ଆମ୍ବୁଲାନ୍ସ, ସମସ୍ତ ଡେପୁଟି/ସହାୟକ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୨୩ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫-୨୬ ଉଦ୍‌ଘାଟିତ




ବାଲେଶ୍ୱର , ୦୬/୪ (ନି.ପ୍ର): ' ଆନ୍ତର୍ଜାତୀୟ ଦିବସ- କ୍ରୀଡା ଦ୍ୱାରା ଉନ୍ନତି ଓ ଶାନ୍ତି ' ( ଇନ୍ଟରନ୍ୟାଶନାଲ ଡେ ଅଫ ସ୍ପୋର୍ଟସ ଫର ଡେଭେଲପମେଣ୍ଟ ଆଣ୍ଡ ପିସ୍ ) ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୩ତମ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୫-୨୬ ଉଦଘାଟିତ ହୋଇଯାଇଛି। ବିଭିନ୍ନ ବିଭାଗର ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରୁଥିବା ଏହି କ୍ରୀଡ଼ା କାର୍ଯ୍ୟକ୍ରମ ୬ ଠାରୁ ୯ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଅଧିବେଶନ ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କ୍ରୀଡ଼ାର ମସାଲ ପ୍ରଜ୍ୱଳନ ଓ କ୍ରୀଡ଼ାର ପତାକା ଉତ୍ତୋଳନ କରି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡ଼ା ଦ୍ୱାରା ଜୀବନରେ ଶୃଙ୍ଖଳା, ସହଯୋଗ ଓ ବ୍ୟକ୍ତିତ୍ୱ ବିକାଶରେ ଭୂମିକା ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ କ୍ରୀଡ଼ା ସଂସ୍କୃତିର ଗୁରୁତ୍ୱ ଉପସ୍ଥାପନ କରିଥିଲେ। ଡ଼କ୍ଟର ସଚିଦାନନ୍ଦ ସା ସ୍ୱାଗତ ଭାଷଣ ସହ ପ୍ରଗତି ବିବରଣୀ ପତ୍ର ପାଠ କରିଥିଲେ, ଯେଉଁଥିରେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ୨୦୨୪-୨୫ର ବିଭିନ୍ନ ସଫଳତାମାନ ଉଲ୍ଲେଖ ରହିଥିଲା। ପିଇଓ, ଶ୍ରୀ ସଂଗ୍ରାମ କେଶରୀ ବିଶୋଇଙ୍କ ଦ୍ୱାରା ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀ ଅରୁଣ କୁମାର ନାୟକ ସଂଯୋଜନା କରିଥିବାବେଳେ ଡ଼କ୍ଟର ଅଭୟ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦ୍‌ଘାଟନୀ ଦିନରେ ପୁରୁଷ ଓ ମହିଳା ବିଭାଗରେ ୩୪ଟି ଆଥଲେଟିକ୍ସ ସହ କ୍ରିକେଟ, ଭଲିବଲ, କବାଡ଼ି, ଚେସ୍, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, କ୍ୟାରମ, ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଶଟପୁଟ, ଡିସ୍କସ ଓ ଜାଭେଲିନ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଛି। ଚାରିଦିନିଆ ଏହି କ୍ରୀଡା ମହୋତ୍ସବର ଲକ୍ଷ୍ୟ ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା, କ୍ରୀଡା ସ୍ପୃହା ଓ ସମଗ୍ର ବିକାଶକୁ ପ୍ରୋତ୍ସାହନ ଦେବା ବୋଲି ଆୟୋଜକଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

# ଜୟପୁରରେ 'ସିଓ୍ୱା' ଅନୁଷ୍ଠାନ ପକ୍ଷରୁ ସାଇକେଲ ଶୋଭାଯାତ୍ରା: ଜନଗଣନା ପାଇଁ ସଚେତନତା ସୃଷ୍ଟି

ଜୟପୁର, ୦୬/୪ (ନି.ପ୍ର): ଜୟପୁର ଭାରତୀୟ ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ସହରବାସୀଙ୍କୁ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିବା ଦିଗରେ ସଚେତନ କରିବା ଲକ୍ଷ୍ୟରେ ଆଜି ସମାଜସେବୀ ସଂଗଠନ 'ସିଓ୍ୱା' ପକ୍ଷରୁ ଜୟପୁର ସହରରେ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଏହି ଶୋଭାଯାତ୍ରା ଆଜି ସହରର ରାଜନଗର ଛକରୁ ଆରମ୍ଭ ହୋଇଥିଲା। ଜୟପୁର ଉପଖଣ୍ଡର ଏସ.ଡି.ପି.ଓ. ଅର୍ଚ୍ଚିତା ମିତ୍ତଲ ଏହାକୁ ସବୁଜ ପତାକା ଦେଖେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଜନଗଣନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଏହି ସଚେତନତା ରାଲିରେ ସହରର ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଉତ୍ସାହର ସହ ଯୋଗ ଦେଇଥିଲେ କ୍ଷ ଏହି ଶୋଭାଯାତ୍ରା ରେ ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀ, ପ୍ରକାଶ ବିଦ୍ୟାଳୟର ଏନ.ସି.ସି. କ୍ୟାଡେଟ୍ ଏବଂ ଜୟପୁର ସାଇକେଲିଷ୍ଟ କ୍ଲବର ସଦସ୍ୟ ମାନେ ସାମିଲ ହୋଇଥିଲେ ନିଜେ ସାଇକେଲ ଚଲାଇଲେ ଆଇ.ପି.ଏସ୍. ଅଧିକାରୀ

ଏହି କାର୍ଯ୍ୟକ୍ରମର ଅନ୍ୟତମ ବିଶେଷତ୍ୱ ଏହା ଥିଲା ଯେ, ମୁଖ୍ୟ ଅତିଥି ମିସ୍ ମିତ୍ତଲ କେବଳ ଶୋଭାଯାତ୍ରାର ଶୁଭାରମ୍ଭ କରି ନଥିଲେ, ବରଂ ନିଜେ ସାଇକେଲ ଚଲାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଏଭଳି ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।

'ଜନଗଣନା ସମୟରେ ଗଣନାକାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରି ଏହି ଜାତୀୟ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଲୋକଙ୍କୁ ସଚେତନ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ,' ବୋଲି ସେବା ସଂଗଠନ ପକ୍ଷରୁ କୁହାଯାଇଥିଲା। ସହରର ପ୍ରାୟ ଅଧା ଅଂଶ ପରିକ୍ରମା କରି ଶୋଭାଯାତ୍ରାଟି ଲୋକଙ୍କୁ ଜନଗଣନା ସମ୍ପର୍କରେ ସଚେତନ କରିଥିଲା। ପରିଶେଷରେ ଏହା ଜୟପୁର ସିଟି ହାଇସ୍କୁଲ ପ୍ରାଙ୍ଗଣରେ ପହଂଚି ଉଦଯାପିତ ହୋଇଥିଲା। 'ସିଓ୍ୱା' ସଂଗଠନର ସଦସ୍ୟମାନଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।ଏଥିରେ ସଂଗଠନର: ସଭାପତି: ଅଜୟ ମିଶ୍ର, ସମ୍ପାଦକ: ପ୍ରତାପ ପଟ୍ଟନାୟକ, ଉପ-ସଭାପତି: ଜି.ଭି. ରେଡ୍ଡୀ, ଯୁଗ୍ମ ସମ୍ପାଦକ: କେ. କୃଷ୍ଣା ରାଓ, କୋଷାଧକ୍ଷ: ରଞ୍ଜିତ ନାୟକଙ୍କ ବ୍ୟତୀତ ରମେଶ ପଟ୍ଟନାୟକ, ପ୍ରଦୀପ୍ତ କୁମାର ସାହୁ, ମୁନ୍ନା ଚୌଧୁରୀ, ବିନାୟକ ମହାପାତ୍ର, ରମେଶ ଚୌଧୁରୀ, ସୌମ୍ୟ ରଞ୍ଜନ ଦଳାଇ, ରବୀନ୍ଦ୍ରନାଥ ସାହୁ କେ.ମୋହନ ରାଓ ନିରଂଜନ ପାଣିଗ୍ରାହୀ, ବିଜୟାଲକ୍ଷ୍ମୀ ପାଣିଗ୍ରାହୀ, କେ.ଭୂଲକ୍ଷ୍ମୀ ଏବଂ ସୁଧାକର ପଟ୍ଟନାୟକ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ପ୍ରେମିକାର ବ୍ଲାକ୍ ମେଲିଂ: ଜୀବନ ହାରିଲା ପ୍ରେମିକ

ଭୁବନ, ୦୬/୪ (ନି.ପ୍ର): ଆଜି କାଲିକା ପ୍ରେମରେ ପ୍ରେମିକ ମାନେ ବହୁତ୍ ଚାଲାକ୍। ଅଧିକାଂଶ ପ୍ରେମିକ ,ପ୍ରେମିକାର ଅନ୍ତରଙ୍ଗ ଭିଡିଓ ରଖି ପ୍ରେମିକାକୁ ଇମୋସନାଲ ବ୍ଲାକ ମେଲିଂ କରୁଥିବା ବେଳେ ଭୁବନ ଅଂଚଳରେ ଜଣେ ପ୍ରେମିକାର ବ୍ଲାକ ମେଲିଂ ସହ୍ୟ କରିନପାରି ପ୍ରେମିକ ଶେଷରେ ଜୀବନ ହାରି ଦେଇଥିବା ଘଟଣା ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାପ୍ତ ସୂଚନାନୁଯାୟୀ ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ଗ୍ରାମର ବାବୁଲି ଆଏଚଙ୍କ ସାନ ପୁଅ ପ୍ରକାଶ ଆଏଚ ( ୨୨ ) ବିଦ୍ୟୁତ ଓ୍ୱାରିଂ ମିସ୍ତ୍ରୀ ଭାବେ କାମ କରନ୍ତି । ଏକ ଦୁର୍ବଳ ମୁହୂର୍ତରେ ପଡୋଶୀ ବାଲିବୋ ଗ୍ରାମର ଜନୈକା ଝିଅଙ୍କୁ ଭଲ ପାଉଥିଲେ । ଗତକାଲି ଶନିବାର ସକାଳେ ଦୁହିଁଙ୍କ ମଧରେ ହ୍ୱାଟସ ଆପ ଯୋଗେ ଚାଟିଂ ଓ ଉଭୟଙ୍କର ଫଟୋ ଦିଆନିଆ ହୋଇଥିଲା। ପୂର୍ବାହ୍ନ ୧୧.୧୪ ମିନିଟ୍ ସମୟରେ ଯୁବକ ଜଣକ ଦଉଡି ଦେବାକୁ ଯାଉଥିବାର ଏକ ଫଟୋ ହ୍ୱାଟସ ଆପରେ ପଠାଇଥିଲେ । ତାପରେ ଠିକ ୧୧.୧୫ ରେ ପ୍ରେମିକାର ଭିଡିଓ କଲ ଆସିଥିଲା । କିନ୍ତୁ ତାହା ରିସିଭ୍ ହୋଇନଥିଲା । ୧୧.୩୦ ରେ ପୁଅ ବେକରେ ରଶି ଲଗାଇ ଝୁଲି ପଡିଥିବା ପୁଅର ମା ଦେଖି ସମସ୍ତଙ୍କୁ ଡାକ ପକାଇଥିଲେ । ମାଆଙ୍କ ଚିତ୍କାର ଶୁଣି ପରିବାର ଲୋକେ ଯୁବକଙ୍କୁ ଉଦ୍ଧାର କରି ଭୁବନ ମେଡିକାଲରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ମୃତ ଯୁବକର ବାପା ଭୁବନ ଥାନାରେ ପ୍ରେମିକା ନାମରେ ବ୍ଲାକମେଲିଂ ଅଭିଯୋଗ ଆଣିବା ସହ ତାଙ୍କ ପୁଅ ମୃତ୍ୟୁ ପାଇଁ ପ୍ରେମିକା କୁ ଦାୟୀ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଶବ ଜବତ କରି ତଦନ୍ତ ଚଳାଇଛି ।

# ମାଲକାନଗିରି ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ

ମାଲକାନଗିରି , ୦୬/୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ଜିଲ୍ଲାର ଏକାଧିକ ସ୍ଥାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିବା ସୂଚନା ମିଳିଛି । ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା, ମାଥିଲି ବ୍ଲକ ପାତ୍ରପୁଟ, କୋରୁକୋଣ୍ଡା ବ୍ଲକ ଚିତାପାରି ଓ ସଦାଶିବପୁର ସମେତ ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ଗ୍ରାମାଂଚଳରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଶନିବାର ରାତି ୧୧ଟା ୩୦ ମିନିଟ ସମୟରେ ହଠାତ ଭୂମିକମ୍ପ ହୋଇଥିଲା ।ବିରାଟ ଶବ୍ଦ ଶୁଣିବାକୁ ମିଳିଥିଲା। ପ୍ରାୟ ୩ ସେକେଣ୍ଡରୁ ୬ ସେକେଣ୍ଡ ମଧରେ ହୋଇଥିବା ଏହି ଭୁମୁକମ୍ପରେ ଘରର କାନ୍ଥ, ଟେବୁଲ, ଚେୟାର ଦୋହଲି ଯାଇଥିଲା । ସହରବାସୀ ଏବଂ ଆଖପାଖ ଗ୍ରାମବାସୀ ଘରୁ ପଦାକୁ ବାହାରି ପଡ଼ିଥିଲେ। ଲୋକେ ଘରକୁ ଭିତକୁ ଯିବା ପାଇଁ ଭୟ କରିଥିଲେ । କିଛି ସମୟ ରାସ୍ତା ଉପରେ ଲୋକେ ରୁଣ୍ଡ ହୋଇଥିଲେ । ଭୂମିକମ୍ପର ତୀବ୍ରତା ଜଣାପଡିନାହିଁ । ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବା ନେଇ ସୂଚନା ନାହିଁ । ଏହାକୁ ନେଇ ଲୋକେ କିଛି ସମୟ ପାଇଁ ଭୟଭୀତ ହୋଇଥିଲେ । ଗତ ବର୍ଷ ଏପରି ଭୂମିକମ୍ପ ଜିଲାରେ ଅନୁଭୂତ ହୋଇଥିଲା ବୋଲି କିଛି ବରିଷ୍ଠ ଲୋକ କହିଛନ୍ତି ।

# ସାବଧାନ ! ଆପଣଙ୍କ ଘର ଆପଣଙ୍କ ପିଲାର ପ୍ରଗତିରେ ବାଧା ସୃଷ୍ଟି କରୁଛି କି ?



ଆପଣଙ୍କ ପିଲାର ଶିକ୍ଷାରେ ସଫଳତା କେବଳ ଶ୍ରେଣୀଗୃହରେ ଧ୍ୟାନ ଦେବା ପର୍ଯ୍ୟନ୍ତ ସୀମିତ ନୁହେଁ। ଗବେଷଣାରୁ ଜଣାପଡ଼ିଛି ଯେ ପିଲା ଯେଉଁ ଘରେ ରହେ ତାହା ସିଧାସଳଖ ତାଙ୍କ ପାଠପଢ଼ା ଏବଂ ପରୀକ୍ଷା ଫଳାଫଳକୁ ପ୍ରଭାବିତ କରେ । ଅଧିକ ଭିଡ଼,ଆର୍ଦ୍ରତା ଏବଂ ଅନୁପଯୁକ୍ତ ଗରମ ପିଲାମାନଙ୍କ ସ୍ୱାସ୍ଥ୍ୟ ସହିତ ସେମାନଙ୍କ ଶିକ୍ଷାଗତ ଋତୁକୁ ମଧ୍ୟ ପ୍ରଭାବିତ କରେ। ଆସନ୍ତୁ ଦେଖିବା ଗବେଷଣା କ'ଣ ପାଇଛି ।

ଗବେଷଣା କ'ଣ କହୁଛି: ଜର୍ଣ୍ଣାଲ ଅଫ୍ ଏପିଡେମିଓଲୋଜି ଆଣ୍ଡ କମ୍ୟୁନିଟି ହେଲ୍ଥରେ ପ୍ରକାଶିତ ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଖରାପ ଘର ପରିବେଶରେ ରହୁଥିବା ପିଲାମାନଙ୍କଠାରେ ସ୍କୁଲରେ ଅନୁପସ୍ଥିତି ଏବଂ ନିମ୍ନ ମାର୍କର ହାର ଅଧିକ ଥାଏ, ବିଶେଷକରି ଇଂରାଜୀ ଏବଂ ଗଣିତ ଭଳି ପ୍ରମୁଖ ବିଷୟଗୁଡ଼ିକରେ। ଗବେଷକଙ୍କ ଅନୁଯାୟୀ, ଭଲ ଘରଗୁଡ଼ିକ କେବଳ ପିଲାମାନଙ୍କୁ ରୋଗରୁ ରକ୍ଷା କରେ ନାହିଁ ବରଂ ସେମାନଙ୍କର ଶୈକ୍ଷିକ ପ୍ରଦର୍ଶନକୁ ମଧ୍ୟ ଉନ୍ନତ କରେ। ଅଧ୍ୟୟନରୁ ଜଣାପଡିଛି ଯେ ଇଂଲଣ୍ଡରେ ଖରାପ ଘର ପରିବେଶରେ ରହୁଥିବା ପିଲାମାନେ ହାରାହାରି ୧୫ ଦିନ ଅଧିକ ସ୍କୁଲ ଛାଡ଼ିଛନ୍ତି। ଏହି ପିଲାମାନଙ୍କର ପରୀକ୍ଷା ସ୍କୋର ମଧ୍ୟ ସେମାନଙ୍କ ସାଥୀମାନଙ୍କ ତୁଳନାରେ କମ୍ ଥିଲା।

ଏକ ଭଲ ଘରର ଅର୍ଥ କ'ଣ ?: ଏକ ଭଲ ଘର କେବଳ ଏକ ନୂତନ ଘର ନୁହେଁ। ଏଥିରେ ଭିଡ଼ ହ୍ରାସ, ଆଦ୍ରର୍ତା ଏବଂ ଆର୍ଦ୍ରତାରୁ ମୁକ୍ତି, ଉପଯୁକ୍ତ ଗରମ ବ୍ୟବସ୍ଥା ଏବଂ ଏକ ବାସଯୋଗ୍ୟ ପରିବେଶ ମଧ୍ୟ ଅନ୍ତର୍ଭୁକ୍ତ। ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ ଇଂଲଣ୍ଡର ପ୍ରତି ସାତ ପରିବାରରେ ଗୋଟିଏ ଏପରି ଘରେ ବାସ କରେ ଯାହା ସରକାରଙ୍କ ଡିସେଣ୍ଟ ହୋମ୍ସ ମାନଦଣ୍ଡ ପୂରଣ କରେ ନାହିଁ। ଏହି ଅଧ୍ୟୟନ ପାଇଁ, ବୈଜ୍ଞାନିକମାନେ ମିଲେନିୟମ କୋହୋର୍ଟ ଅଧ୍ୟୟନରୁ ତଥ୍ୟ ବିଶ୍ଲେଷଣ କରିଥିଲେ, ଯେଉଁଥିରେ ୨୦୦୦ ରୁ୨୦୦୨ ମଧ୍ୟରେ ଜନ୍ମ ହୋଇଥିବା ୮୯୯୨ ଶିଶୁ ସାମିଲ ଥିଲେ । ସାତ ବର୍ଷ ବୟସରେ ସେମାନଙ୍କ ଘରର ଅବସ୍ଥା ଛଅଟି ପାରାମିଟର ଉପରେ ମୂଲ୍ୟାଙ୍କନ କରାଯାଇଥିଲା, ଯେଉଁଥିରେ ଘରର ପ୍ରକାର, ମହଲା ସ୍ତର, ବଗିଚାର ଉପଲବ୍ଧତା, ଆର୍ଦ୍ରତା, ଗରମ ଅବସ୍ଥା ଏବଂ ଭିଡ଼ ଅନ୍ତର୍ଭୁକ୍ତ ଥିଲା।

# ଖରାଦିନେ ନିଜକୁ ରଖନ୍ତୁ ସୁସ୍ଥ: ଆପଣାନ୍ତୁ ଏହି ଉପାୟ ...



ତାପମାତ୍ରା ବଢ଼ିବା ସାଙ୍ଗକୁ ଲଗାତାର ଗ୍ରୀଷ୍ମପ୍ରବାହ ବେଳେ ଥଣ୍ଡା ରହିବା କେବଳ ଆରାମ ନୁହେଁ, ବରଂ ଏହା ନିଜର ସୁରକ୍ଷା। କାରଣ ଅତ୍ୟଧିକ ଖରା ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ଆଣିପାରେ। ଏଥିପାଇଁ କେଉଁସବୁ ଦିଗ ଉପରେ ନଜର ଦେଲେ ନିଜକୁ ଥଣ୍ଡା ରଖିହେବ:

ନିଜକୁ ସୂର୍ଯ୍ୟ ଉପଯୋଗୀ କରନ୍ତୁ: ଅତ୍ୟଧିକ ଖରାବେଳେ ଘରୁ ବାହାରକୁ ନ ବାହାରିବା ପାଇଁ ଚେଷ୍ଟା କରନ୍ତୁ। ବାହାରକୁ ଗଲେ ସନସ୍କ୍ରିନ୍ ଲୋସନ୍ ବ୍ୟବହାର କରନ୍ତୁ। ମୁଣ୍ଡରେ ଟୋପି ପିନ୍ଧନ୍ତୁ। ଛାଇ ଜାଗାରେ କିଛି କିଛି ସମୟ କାଟନ୍ତୁ। ହାଲୁକା ରଙ୍ଗର ଢିଲା ପୋଷାକ ପିନ୍ଧିବାକୁ ଭୁଲନ୍ତୁ ନାହିଁ।

ତ୍ୱଚାକୁ ଓଦା ରଖନ୍ତୁ: ଗାମୁଛା ବା ତଉଲିଆକୁ ଓଦାକରି ସେଥିରେ ପୋଛାପୋଛି ହୋଇପାରିବେ। ଗାଧୋଇବା ସମୟରେ ଶୀତଳ ପାଣି ବ୍ୟବହାର କରନ୍ତୁ, ତେବେ ଅତି ଥଣ୍ଡାପାଣି ନୁହେଁ। ଥଣ୍ଡା ପାଣିରେ ଆପଣଙ୍କ ଦୁଇ ହାତ ଓ ଗୋଡ଼କୁ ବୁଡ଼ାଇ କିଛି ସମୟ ରଖନ୍ତୁ।

ପ୍ରଚୁର ପାଣି ପିଅନ୍ତୁ: ତାପମାତ୍ରା ଅଧିକ ଥିଲେ ଆପଣ ପ୍ରଚୁର ପାଣି ପିଅନ୍ତୁ। ସମ୍ଭବ ହେଲେ ବିଭିନ୍ନ ସ୍ପୋର୍ଟସ୍ ଡ୍ରିଙ୍କସ୍ ପିଇପାରିବେ। ଏହି ସମୟରେ ଚା' ବା କଫିରୁ ବିରତ ରହନ୍ତୁ। ଡିହାଇଡ୍ରେସନ୍ ?ରୁ ମୁକୁଳିବାକୁ ବାରମ୍ବାର ଓ ଅଧିକ ପାଣି ପିଅନ୍ତୁ।

ମଦ୍ୟପାନରୁ ବିରତ ରୁହନ୍ତୁ: ଅତ୍ୟଧିକ ମଦ୍ୟପାନ ବିପଜ୍ଜନକ ହୋଇପାରେ। ଆପଣଙ୍କୁ ଡିହାଇଡ୍ରେସନ୍ ?ର ଶିକାର କରିପାରେ। ସେହିପରି ନିଦକୁ ପ୍ରଭାବିତ କରେ। ନିଦ ପତଳା ହୋଇପାରେ ଓ ବାରମ୍ବାର ନିଦ ଭାଙ୍ଗିପାରେ।

ସନ୍ତୁଳିତ ଖାଦ୍ୟ ବାଛନ୍ତୁ: ଖରାଦିନେ ସବୁବେଳେ ସନ୍ତୁଳିତ ଖାଦ୍ୟ ହିଁ ବାଛନ୍ତୁ। ନିୟମିତ ଓ ସନ୍ତୁଳିତ ଖାଦ୍ୟ ହିଁ ଭଲ। କାକୁଡ଼ି, ତରଭୁଜ ଓ ଷ୍ଟ୍ରବେରି ଖାଇବା ଉପଯୋଗୀ ହୋଇଥାଏ।

ଥଣ୍ଡା ସମୟରେ ଶାରୀରିକ କାର୍ଯ୍ୟକଳାପ କରନ୍ତୁ: ଖରାରେ ବ୍ୟାୟାମ କରିବା ବିପଜ୍ଜନକ। ଏହା ଫଳରେ ଡିହାଇଡ୍ରେସନ୍ ଓ ସନ୍‌ଷ୍ଟ୍ରୋକ୍‌ର ଭୟ ରହିଛି। ବ୍ୟାୟାମ ପାଇଁ ଉଚିତ ସମୟ ସ୍ଥିର କରନ୍ତୁ। ସେହିପରି ବ୍ୟାୟାମର କିଛି ସମୟ ପରେ ପ୍ରଚୁର ପାଣି ପିଅନ୍ତୁ ଓ ଥଣ୍ଡ ପାଣିରେ ଗାଧୋଇପଡ଼ନ୍ତୁ। ଏହା ଆପଣଙ୍କ ଶରୀରକୁ ଶୀତଳ ରଖିବ।

# ହାତ ଏବଂ ପାଦରେ ଝିମ୍ ଝିମ୍ ହୋଇପାରେ ବିପଦପୂର୍ଣ୍ଣ ? ଜାଣନ୍ତୁ ଏହାର ପ୍ରତିକାର

ମଧୁମେହର ପ୍ରଭାବ କେବଳ ଶର୍କରା ସ୍ତର ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ସ୍ନାୟୁକୁ ମଧ୍ୟ କ୍ଷତି ପହଞ୍ଚାଏ। ଯେତେବେଳେ ରକ୍ତ ଶର୍କରା ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧିକ ରହିଥାଏ, ଏହା ସ୍ନାୟୁଗୁଡ଼ିକୁ ପୁଷ୍ଟିକରତା ଯୋଗାଉଥିବା ଛୋଟ ରକ୍ତବାହୀ ନଳୀଗୁଡ଼ିକୁ ପ୍ରଭାବିତ କରେ। ଏହା ସ୍ନାୟୁଗୁଡ଼ିକୁ ଖରାପ ଭାବରେ କାର୍ଯ୍ୟ କରିବାକୁ ବାଧ କରେ, ଯାହା ଫଳରେ ଡାଏବେଟିକ୍ ପେରିଫେରାଲ୍ ନ୍ୟୁରୋପାଥି ନାମକ ଏକ ଅବସ୍ଥା ସୃଷ୍ଟି ହୁଏ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ଝିମ୍‌ଝିମ୍ ହେବା, ଜଳିବା, ଶୂନ୍ୟତା କିମ୍ବା ରାତିରେ ହଠାତ୍ ଯନ୍ତ୍ରଣା ଅନ୍ତର୍ଭୁକ୍ତ। ଅନେକ ରୋଗୀ କପା ଉପରେ ଚାଲୁଥିବା କିମ୍ବା ପାଦରେ ତୀକ୍ଷ୍ଣ କଣ୍ଟା ଅନୁଭବ କରୁଥିବା ପରି ଅନୁଭବ କରୁଥିବା ରିପୋର୍ଟ କରନ୍ତି। ଯଦି ଚିକିତ୍ସା ନ କରାଯାଏ, ତେବେ ଏହି ସମସ୍ୟା ଦୁର୍ବଳତା, ସନ୍ତୁଳନ ହରାଇବା ଏବଂ ପାଦରେ ଘା ମଧ୍ୟ ହୋଇପାରେ।

କେଉଁ ଅଭାବ ସମସ୍ୟା ସୃଷ୍ଟି କରେ ?: ଭିଟାମିନ୍ ବି୧୨ ଅଭାବ ଯୋଗୁଁ ଏହି ସମସ୍ୟା ଆହୁରି ଜଟିଳ ହୁଏ। ଦୀର୍ଘ ସମୟ ଧରି ମେଟଫର୍ମିନ୍ ଖାଉଥିବା ରୋଗୀମାନେ ବିଶେଷ ଭାବରେ ବି୧୨ ଅଭାବର ଆଶଙ୍କାରେ ଥାଆନ୍ତି। ଏହି ଔଷଧ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, କିନ୍ତୁ ସମୟ ସହିତ, ଏହା ଶରୀରରେ ବି୧୨ ଶୋଷଣକୁ ହ୍ରାସ କରିପାରେ। ସମସ୍ୟା ହେଉଛି ଯେ ଭିଟାମିନ୍ ବି୧୨ ଅଭାବର ଲକ୍ଷଣ, ଯେପରିକି ଝିମ୍ ଝିମ୍, ନାଲିପଡା, ଦୁର୍ବଳତା ଏବଂ ଥକ୍କା, ଡାଏବେଟିକ୍ ନ୍ୟୁରୋପାଥି ସହିତ ବହୁତ ସମାନ। ତେଣୁ, ପରୀକ୍ଷା ବିନା, ମୂଳ କାରଣ ନିର୍ଣ୍ଣୟ କରିବା କଷ୍ଟକର। କେତେକ ସମୟରେ, ଉଭୟ ସମସ୍ୟା ଏକକାଳୀନ ଦେଖାଦିଏ ଯାହା ପରିସ୍ଥିତିକୁ ଆହୁରି ଖରାପ କରିଦିଏ।

ବିଶେଷଜ୍ଞମାନେ କ'ଣ କୁହନ୍ତି ?: ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ଅବସ୍ଥାରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ଭି ମୋହନ କହିଛନ୍ତି ଯେ ରୋଗୀମାନେ ଯନ୍ତ୍ରଣା ଆହୁରି ବଢିବାକୁ ଅପେକ୍ଷା କରିବା ଉଚିତ୍ ନୁହେଁ, ବରଂ ପ୍ରଥମ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ। ରକ୍ତ ଶର୍କରା ନିୟନ୍ତ୍ରଣ ସହିତ ଚିକିତ୍ସା ଆରମ୍ଭ ହୁଏ। ଭିଟାମିନ୍ ଈ୧୨ ପରୀକ୍ଷା କରିବା ଏବଂ ଆବଶ୍ୟକ ହେଲେ ସପ୍ଲିମେଣ୍ଟ ନେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନେକ କ୍ଷେତ୍ରରେ, ଡାକ୍ତର ଭିଟାମିନ୍ ଈ ଜଟିଳ ଔଷଧ ଲେଖନ୍ତି, ଯାହା ସ୍ନାୟୁକୁ ମଜବୁତ କରିବାରେ ଏବଂ ଲକ୍ଷଣଗୁଡ଼ିକୁ କମ କରିବାରେ ସାହାଯ୍ୟ କରେ।

# ଭୁଲରେ ଓଭନରେ ଗରମ କରଂନ୍ତୁନି ଏହି ୫ଟି ଖାଦ୍ୟ : ହୋଇପାରେ ଫୁଡ୍ ପଏଜନିଙ୍ଗ

ଅଧିକାଂଶ ଲୋକ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଅନ୍ୟପଟେ ଶୀତଦିନେ ପ୍ରାୟ ସମସ୍ତେ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଏପରି ପରିସ୍ଥିତିରେ ଖାଦ୍ୟ ପ୍ରସ୍ତୁତ ହେବା ପରେ ତୁରନ୍ତ ଖାଇବା ସର୍ବୋତ୍ତମ ଉପାୟ । କିନ୍ତୁ ଯଦି ଆପଣ କୌଣସି କାରଣରୁ ତାହା କରିବାକୁ ଅସମର୍ଥ, ଖାଦ୍ୟକୁ ଗରମ କରିବାରେ ଭୁଲ କରନ୍ତୁ ନାହିଁ । ଅନେକ ବିଶେଷଜ୍ଞ ଖାଦ୍ୟକୁ ବାରମ୍ବାର ଗରମ କରିବାକୁ ମଧ୍ୟ ବାରଣ କରନ୍ତି । ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ଖାଦ୍ୟର ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ । ଏହା ସହିତ ଖାଦ୍ୟରେ ଏପରି ଜୀବାଣୁଙ୍କ ସଂଖ୍ୟା ବଢିବାରେ ଲାଗେ ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ । ଯେତେବେଳେ ଆପଣ ମାଇକ୍ରୋୱେଭରେ ଖାଦ୍ୟ ଗରମ କରନ୍ତି ଏହି ବିପଦ ଆହୁରି ବଢିଥାଏ । କିଛି ଖାଦ୍ୟ ଅଛି ଯାହାକୁ ଆପଣ ମାଇକ୍ରୋୱେଭରେ ଗରମ କରିବାରୁ ଦୂରେଇ ରଖନ୍ତୁ । କାରଣ ଏହା ପେଟରେ ଗ୍ୟାସ୍, ପେଟ ବ୍ୟଥା, ଫୁଡ ପଏଜନିଙ୍ଗ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରିପାରେ ।



### ଅଣ୍ଡାକୁ ଓଭନରେ ଗରମ କରନ୍ତୁନି

ଓମଲେଟ୍ କିମ୍ବା ସ୍କ୍ରାମବ୍ଲେଡ୍ ଥଣ୍ଡା ହୋଇଗଲା ପରେ ସାଧାରଣତଃ ଲୋକମାନେ ଏହାକୁ ଓଭନରେ ରଖି ଶୀଘ୍ର ଗରମ କରନ୍ତି । କିନ୍ତୁ ଅଳ୍ପ ସମୟ ପାଇଁ ଥଣ୍ଡା ହୋଇଥିବା ଅଣ୍ଡାକୁ ଗରମ କରିବା ବିପଜ୍ଜନକ ହୋଇପାରେ । ଯଦି ଆପଣ ଅଣ୍ଡା ପ୍ରସ୍ତୁତ ଖାଦ୍ୟ ଗରମ କରନ୍ତି, ତେବେ ସଲମୋନେଲା ପରି ଜୀବାଣୁ ଶୀଘ୍ର ବଢିପାରନ୍ତି ଏବଂ ଖାଦ୍ୟ ବିଷାକ୍ତ ହୋଇଯାଏ ।

### ଓଭନରେ ଆଳୁ ଗରମ କରନ୍ତୁ ନାହିଁ

ଆଳୁକୁ ଦ୍ୱିତୀୟ ଥର ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । କାରଣ ଆଳୁରେ ଥିବା ଜୀବାଣୁ ସି ବଟୁଲିନମ୍ ବଢିବା ପାଇଁ ଓଭନ ଏକ ଅନୁକୂଳ ପରିବେଶ ଯୋଗାଇଥାଏ । ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ ।

### ବଳକା ଚିକେନ ଗରମ କରନ୍ତୁ ନାହିଁ

ଯଦି ରାତିରେ ପ୍ରସ୍ତୁତ ଚିକେନ ସକାଳେ ରହି ଯାଇଥାଏ, ତେବେ ଏହାକୁ ଗରମ କରି ଖାଇବା ଅପେକ୍ଷା ଏହାକୁ ଫୋପାଡ଼ି ଦେବା ଭଲ । କିମ୍ବା ଗ୍ୟାସରେ ମଧ୍ୟମ ତାପମାତ୍ରାରେ ଏହାକୁ ଧୀରେ ଧୀରେ ଗରମ କରାଯିବା ଉଚିତ ଯାହା ଦ୍ୱାରା ଏହାର ସମସ୍ତ ଜୀବାଣୁ ନଷ୍ଟ ହୋଇଯାଆନ୍ତି । କିନ୍ତୁ ମନେରଖନ୍ତୁ ଚିକେନକୁ ଶୀଘ୍ର ଗରମ କରିବା ପାଇଁ ଓଭନରେ ରଖନ୍ତୁ ନାହିଁ, କାରଣ ଚିକେନରେ ଥିବା ପ୍ରୋଟିନ୍ ବିଷାକ୍ତ ହେବାକୁ ଲାଗେ । ଯେଉଁ କାରଣରୁ ପେଟରେ ଏସିଡିଟି ସୃଷ୍ଟି ହେବାର ଆଶଙ୍କା ଥାଏ କିମ୍ବା ପେଟ ବ୍ୟଥା ହେବାର ସମ୍ଭାବନା ଥାଏ ।

### ଓଭନରେ ଚାଉଳ ଗରମ କରିବା ଭୁଲ୍

ଚାଉଳକୁ ଗରମ କରିବା ବିପଦଜନକ କାରଣ ଏହା ରୋଗ ସୃଷ୍ଟି କରୁଥିବା ଜୀବାଣୁ ବୃଦ୍ଧି କରିଥାଏ । ସେଥିପାଇଁ ଚାଉଳକୁ ଗରମ କରିବା ଠାରୁ ଦୂରେଇ ରହିବା ଉଚିତ୍ । ଯଦି ଆପଣ ଏହାକୁ ଗରମ ଖାଇବାକୁ ଚାହୁଁଛନ୍ତି, ତେବେ ଏହାକୁ ଫ୍ରିଜରୁ ବାହାର କରି ଏହାକୁ ଓଭନରେ ରଖନ୍ତୁ ନାହିଁ । ସାଧାରଣ ତାପମାତ୍ରାକୁ ଆସିବା ପରେ ଏହାକୁ ଗ୍ୟାସରେ ଗରମ କରନ୍ତୁ ।

### ସାମୁଦ୍ରିକ ଖାଦ୍ୟକୁ ଗରମ କରନ୍ତୁ ନାହିଁ

ସତେଜ କିମ୍ବା ରନ୍ଧା ହୋଇଥିବା ସାମୁଦ୍ରିକ ଖାଦ୍ୟ ଯଦି ୨ ଘଣ୍ଟାରୁ ଅଧିକ ସମୟ ଫ୍ରିଜରେ ରହିନଥାଏ ତେବେ ଏହାକୁ ଖାଆନ୍ତୁ ନାହିଁ । ଯଦି ଏହାକୁ ଥଣ୍ଡା ତାପମାତ୍ରାରେ ରଖାଯାଏ ନାହିଁ ତେବେ ସମୁଦ୍ର ଖାଦ୍ୟରେ ବ୍ୟାକ୍ଟେରିଆ ବଢିପାରେ । ଯାହା ଗରମ କରିବା ପରେ ମଧ୍ୟ ମରନ୍ତି ନାହିଁ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରନ୍ତି ।

# ଘରେ ରଖୁଥିବା ଝାଡ୍ରୁ ଜୀବନ ବଦଳାଇ ପାରେ: ଜାଣନ୍ତୁ କିଛି ଜରୁରୀ ଟିପ୍ସ



ସାଧାରଣତଃ ଘରେ ଝାଡୁର ବ୍ୟବହାର ସଫା କାର୍ଯ୍ୟରେ ଲାଗିଥାଏ । ହେଲେ ଆପଣ ଜାଣିଛନ୍ତି କି, ଏହା ଘରେ ସୁଖ ଶାନ୍ତି ବି ଆଣିପାରେ ? ବାସ୍ତୁଶାସ୍ତ୍ରରେ ଝାଡୁକୁ ନେଇ କିଛି ନିୟମ ରହିଛି । ଯେଉଁ ନିୟମକୁ ପାଳନ କଲେ ଆମେ ଘରର ଭାଗ୍ୟ ବଦଳାଇ ପାରିବା । ହିନ୍ଦୁ ଶାସ୍ତ୍ରରେ ଲୋକେ ଝାଡୁକୁ ମା ଲକ୍ଷ୍ମୀ ବୋଲି ମାନନ୍ତି । ଧନନ୍ତ୍ୱରୀ ପର୍ବରେ ଝାଡୁକୁ ଘର ପାଇଁ ମଧ୍ୟ କିଣାଯାଇଥାଏ । ତେବେ ଜାଣି ରଖନ୍ତୁ ଘରର କେଉଁ ଦିଗରେ ଝାଡୁ ରଖିବେ ଏବଂ ଝାଡୁକୁ ନେଇ କଣ ଟିପ୍ସ ରହିଛି ।

ତେବେ ହିନ୍ଦୁ ମାନ୍ୟତା ଅନୁସାରେ, ଝାଡୁକୁ ଠିଆ କରି ରଖିବା ଆଦୌ ଉଚିତ ନୁହେଁ । ଠିଆ ହୋଇଥିବା ଝାଡୁ ଦରିଦ୍ରତା ବଢାଇଥାଏ । ଏହା ବଦଳରେ ଝାଡୁକୁ ଶୁଆଇ ରଖିବାକୁ ଅଧିକ ଶୁଭ ବୋଲି ଧରାଯାଏ। ଏହାଛଡା ଝାଡୁକୁ କେଉଁ ଦିଗରେ ରଖିବା ତାକୁ ମଧ୍ୟ ଜାଣିବା ଅତ୍ୟନ୍ତ ଜରୁରୀ। ଝାଡୁର ମୁହଁ ପଶ୍ଚିମ ଦିଗ ବା ଉତ୍ତର-ପଶ୍ଚିମ ଦିଗ ଆଡ଼କୁ କରି ରଖିବାକୁ ଚେଷ୍ଟା କରନ୍ତୁ।

ବାସ୍ତୁ ଅନୁସାରେ, ଝାଡୁ କେବେ ବି ଐସାନ୍ୟ କୋଣ ବା ରୋଷେଇ ଘରେ ରଖନ୍ତୁ ନାହିଁ । ଏହାକୁ ଛାତ ବା ବାହାରେ ରଖନ୍ତୁ ନାହିଁ । ନଚେତ ଚୋରୀ ଓ ଘରର କ୍ଷୟ କ୍ଷତି ହୋଇଥାଏ। ଯଦି ଆପଣଙ୍କ ଘରେ ଝାଡୁଟି ପୁରୁଣା ହୋଇ ଯାଇଛି ଏବଂ ଏହାକୁ ଫୋପାଡ଼ିବାକୁ ଚାହୁଁଛନ୍ତି ତେବେ ଶନିବାର ବା ଅମାବାସ୍ୟାରେ ପକାନ୍ତୁ । ନଚେତ ହୋଲି ଦିନ ବା ଗ୍ରହଣ ପରେ ଫୋପାଡ଼ି ଦିଅନ୍ତୁ ।

ଝାଡୁକୁ ନେଇ ବାସ୍ତୁଶାସ୍ତ୍ର କହୁଛି ଯେ, ଯେଉଁଠାରେ ଆପଣ ଖାଉଛନ୍ତି ସେଠାରେ ଝାଡୁ ରଖିବା ଆବଶ୍ୟକ ନୁହେଁ । କାରଣ ଏଥିରେ ଦାନାପାଣି ଉପରେ ଏହା ପ୍ରଭାବ ପକାଇଥାଏ। ଏହାସହ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଠିକ ରହି ନଥାଏ। ସୂର୍ଯ୍ୟାସ୍ତ ପରେ ଯଦି ଘରକୁ ଝାଡୁ କରୁଛନ୍ତି ତେବେ ଏଥିରେ ଧନ ହାନି ଘଟିଥାଏ ।

# ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଖା'ନ୍ତୁ ଏହି ସବୁ ଖାଦ୍ୟ

ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ଜୀବନଶୈଳୀ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିହେବ। ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ ପୋଟାସିଅମର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏଥିରେ ଥିବା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଶରୀରରେ ସୋଡିୟମର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ରକ୍ତ କଣିକା ଉପରେ ମଧ୍ୟ ଏହାର ସକରାତ୍ମକ ପ୍ରଭାବ ପଡିଥାଏ, ଯେଉଁ କାରଣରୁ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇପାରିବ । ପୋଟାସିୟମ୍ ଯୁକ୍ତ ଖାଦ୍ୟ ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ । ଆମର ରକ୍ତଚାପ ଉପରେ ଆମ ଖାଦ୍ୟର ସିଧାସଳଖ ପ୍ରଭାବ ପଡିଥାଏ । ତେବେ ଯଦି ଆପଣ ମଧ୍ୟ ହାଇ ବ୍ଲଡ ପ୍ରେସରର ଶିକାର ହୋଇଥା'ନ୍ତି ତେବେ ନିଜ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପୋଟାସିଆମ୍‌ରେ ଭରପୁର ଥିବା ଖାଦ୍ୟକୁ ସାମିଲ କରନ୍ତୁ। ତେବେ ଆସନ୍ତୁ ଜାଣିବା କେଉଁ କେଉଁ ପୋଟାସିଅମ ଯୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଉଚିତ। କଦଳୀ ହେଉଛି ଏକ ସାଧାରଣ ଫଳ, ଯାହାକୁ ଆପଣ ବର୍ଷସାରା ସହଜରେ ପାଇପାରିବେ। ଏହା





ପୋଟାସିୟମର ଏକ ଉତ୍ତମ ଉତ୍ସ। କଦଳୀ ହଜମ ଶକ୍ତିକୁ ବଢ଼ାଇଥାଏ। ଏଥିରେ ଭିଟାମିନ୍ ସି ରହିଛି । ଏହା ଏକ ସୁସ୍ଥ ଖାଦ୍ୟ, ଯାହା ଆପଣଙ୍କୁ ଭୋକ ସହିତ ମୁକାବିଲା କରିବାରେ ସାହାଯ୍ୟ କରିଥାଏ । କଦଳୀରେ ଫାଇବର ମଧ୍ୟ ରହିଥାଏ ଯାହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦିଏ ନାହିଁ। ଏଥିରେ ପୋଟାସିଅମର ମାତ୍ରା ମଧ୍ୟ ଭରପୁର ରହିଛି, ଯାହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହେ। ଶାଗ ତଥା ପତ୍ରଯୁକ୍ତ ଆହାର ଦୈନନ୍ଦିନ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ। ନିଜ ଆହରକୁ ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱରେ ସାମିଲ କରିବା ପାଇଁ ନିୟମିତ ରୂପେ ପତ୍ରଯୁକ୍ତ ଖାଦ୍ୟ ତଥା ଶାଗ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।

# ସାଥାନକୁଲମ୍ ରାୟ ଆଣିବ କି ବ୍ୟବସ୍ଥାଗତ ପରିବର୍ତ୍ତନ ?

ଭାରତୀୟ ନ୍ୟାୟ ବ୍ୟବସ୍ଥା ଏବଂ ପୋଲିସ୍ ପ୍ରଶାସନର ଇତିହାସରେ ତାମିଲନାଡୁର ବହୁ ଚର୍ଚ୍ଚିତ ସାଥାନକୁଲମ୍ ହାଜତ ମୃତ୍ୟୁ ମାମଲାର ରାୟ ଏକ ଐତିହାସିକ ତଥା ଯୁଗାନ୍ତକାରୀ ଦୃଷ୍ଟାନ୍ତ ଭାବରେ ଲିପିବଦ୍ଧ ହୋଇ ରହିବ । ମଦୁରାଇ ସ୍ଥିତ ପ୍ରଥମ ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ୍ କୋର୍ଟ ଯେଉଁ ରାୟ ଶୁଣାଇଛନ୍ତି, ତାହା କେବଳ ଏକ ଅପରାଧିକ ମାମଲାର ବିଚାର ନୁହେଁ, ବରଂ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରକ୍ଷକ ସାଜିଥିବା ଭକ୍ଷକମାନଙ୍କ ପାଇଁ ଏକ କଠୋର ଚେତାବନୀ । ପୋଲିସ୍ ହେପାଜତରେ ୫୮ ବର୍ଷୀୟ ବ୍ୟବସାୟୀ ପି. ଜୟରାଜ ଏବଂ ତାଙ୍କର ୩୧ ବର୍ଷୀୟ ପୁତ୍ର ଜେ. ବେନିକ୍ସଙ୍କୁ ନିର୍ମମ ଭାବରେ ପିଟି ପିଟି ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ସମସ୍ତ ୯ ଜଣ କର୍ମଚାରୀଙ୍କୁ ଅଦାଲତ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି । ବିଚାରପତି ଜି. ମୁଥୁକୁମାରନ୍‌ଙ୍କ ଏହି ରାୟ ସ୍ପଷ୍ଟ କରିଦେଇଛି ଯେ ଆଇନର ରକ୍ଷା କରିବା ପାଇଁ ଶପଥ ନେଇଥିବା ବ୍ୟକ୍ତିମାନେ ଯଦି ଆଇନକୁ ନିଜ ହାତକୁ ନେଇ ନିରୀହ ନାଗରିକଙ୍କ ଜୀବନ ନେବାକୁ ପଛାନ୍ତି ନାହିଁ, ତେବେ ସେମାନଙ୍କ ପାଇଁ କୌଣସି ପରିସ୍ଥିତିରେ କ୍ଷମା ଦିଆଯାଇପାରିବ ନାହିଁ । ଏହି ରାୟ ସେହି ସମସ୍ତ ପରିବାର ପାଇଁ ଏକ ଆଶ୍ୱାସନାର ବାର୍ତ୍ତା ଆଣିଦେଇଛି, ଯେଉଁମାନେ ପୋଲିସ୍ ବର୍ବରତାର ଶିକାର ହୋଇ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ଏବଂ ବର୍ଷ ବର୍ଷ ଧରି ନ୍ୟାୟ ଅପେକ୍ଷାରେ ରହିଛନ୍ତି । ଏହା ସହିତ ଏହି ରାୟ ଭାରତରେ କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ହାଜତ ମୃତ୍ୟୁ ବା କଷ୍ଟୋଡିଆଲ୍ ଡେଥ୍ ସମସ୍ୟାକୁ ପୁଣି ଥରେ ସାମ୍ନାକୁ ଆଣିଛି ଏବଂ ପୋଲିସ୍ ବ୍ୟବସ୍ଥାରେ ବ୍ୟାପକ ତଥା ତୁରନ୍ତ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି ।

ଏହି ଘଟଣାର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ କିପରି ସାମାନ୍ୟ ଏକ ଆଇନ ଦେଖାଇ ପୋଲିସ୍ ନିଜର ଅସୀମିତ କ୍ଷମତାର ଅପବ୍ୟବହାର କରିପାରେ । ୨୦୨୦ ମସିହା ଜୁନ୍ ମାସରେ ସମଗ୍ର ଦେଶ କୋଭିଡ୍-୧୯ ମହାମାରୀର ପ୍ରକୋପରେ ଆତଙ୍କିତ ଥିବା ବେଳେ ସଂକ୍ରମଣ ରୋକିବା ପାଇଁ କଠୋର ଲକ୍‌ଡାଉନ୍ କଟକଣା ଜାରି ରହିଥିଲା । ତାମିଲନାଡୁର ଥୁଥୁକୁଡ଼ି ଜିଲ୍ଲା ଅନ୍ତର୍ଗତ ସାଥାନକୁଲମ୍ ସହରରେ ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କରିବା ପରେ ମଧ୍ୟ ନିଜର ମୋବାଇଲ୍ ଦୋକାନ ଖୋଲା ରଖିଥିବା ଅଭିଯୋଗରେ ଜୁନ୍ ୧୯ ତାରିଖ ସନ୍ଧ୍ୟାରେ ପୋଲିସ୍ ଜୟରାଜଙ୍କୁ ଥାନାକୁ ଉଠାଇ ନେଇଥିଲା । ବାପାଙ୍କୁ ଥାନାକୁ ନିଆଯିବା ଖବର ପାଇ ପୁଅ ବେନିକ୍ସ ସେଠାରେ ପହଞ୍ଚିବା ପରେ ଉଭୟଙ୍କୁ ବେଆଇନ ଭାବରେ ଅଟକ ରଖାଯାଇଥିଲା । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇର ତଦନ୍ତ ରିପୋର୍ଟ ଅନୁଯାୟୀ, ସେହି ରାତିରେ ଥାନା ଭିତରେ ବାପା ଓ ପୁଅଙ୍କ ଉପରେ ଯେଉଁ ଅମାନୁଷିକ ତଥା ପାଶବିକ ଅତ୍ୟାଚାର କରାଯାଇଥିଲା, ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ପରଦିନ ସେମାନଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଥିଲା, କିନ୍ତୁ ଅତ୍ୟଧିକ ରକ୍ତସ୍ରାବ ଏବଂ ଗୁରୁତର ଆଘାତ କାରଣରୁ ଜୁନ୍ ୨୨ ତାରିଖରେ ବେନିକ୍ସ ଏବଂ ଜୁନ୍ ୨୩ ତାରିଖରେ ଜୟରାଜଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା । ପ୍ରଥମେ ପୋଲିସ୍ ଏହି ଘଟଣାକୁ ଲୁଚାଇବାକୁ ଚେଷ୍ଟା କରି ମୃତ୍ୟୁର କାରଣ ଅସୁସ୍ଥତା ବୋଲି ଦର୍ଶାଇଥିଲା । ମାତ୍ର ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧ, ଗଣମାଧ୍ୟମର ଚାପ ଏବଂ ମାଡ୍ରାସ ହାଇକୋର୍ଟଙ୍କ ସ୍ୱତଃପ୍ରବୃତ୍ତ ହସ୍ତକ୍ଷେପ ପରେ ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ସିବିଆଇ ପ୍ରମାଣିତ କରିଥିଲା ଯେ ବାପା-ପୁଅ କୌଣସି ନିୟମ ଉଲ୍ଲଂଘନ କରିନଥିଲେ ଏବଂ ପୋଲିସ୍ ବିନା କାରଣରେ ଏହି ହତ୍ୟାକାଣ୍ଡ ଘଟାଇଥିଲା । ବିଚାର ପ୍ରକ୍ରିୟା ଚାଲିଥିବା ସମୟରେ ଜଣେ ଅଭିଯୁକ୍ତଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଥିବା ବେଳେ ବାକି ୯ ଜଣଙ୍କୁ ଅଦାଲତ କଠୋରତମ ଦଣ୍ଡ ବିଧାନ କରିଛନ୍ତି ।

ଏହି ରାୟର ଆଇନଗତ ଏବଂ ସାମାଜିକ ବିଶ୍ଳେଷଣ କଲେ ଜଣାଯାଏ ଯେ ଅଦାଲତ ଏହି ମାମଲାକୁ ବିରଳରୁ ବିରଳତମ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିଛନ୍ତି । ସାଧାରଣତଃ ହାଜତ ମୃତ୍ୟୁ ମାମଲାରେ ପୋଲିସ୍ ଅଧିକାରୀମାନେ ପ୍ରମାଣ ନଷ୍ଟ କରିବାରେ ସକ୍ଷମ ହୋଇଥାନ୍ତି କିମ୍ବା ବିଭାଗୀୟ ଅନୁକମ୍ପା କାରଣରୁ ଖସିଯାଆନ୍ତି । କିନ୍ତୁ ଏହି ମାମଲାରେ ସିବିଆଇ ଦ୍ୱାରା ଉପସ୍ଥାପିତ ସିସିଟିଭି ଫୁଟେଜ୍, ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଏତେ ବଳିଷ୍ଠ ଥିଲା ଯେ ପ୍ରତିରକ୍ଷା ପକ୍ଷର ସମସ୍ତ ଯୁକ୍ତି ଖଣ୍ଡନ ହୋଇଯାଇଥିଲା । ବିଚାରପତି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ବାରମ୍ବାର ନିର୍ଦ୍ଦୟ ଆକ୍ରମଣ କାରଣରୁ ହିଁ ସେମାନଙ୍କର ପ୍ରାଣହାନି ଘଟିଛି । ଆଇନ ପ୍ରଣୟନକାରୀ ସଂସ୍ଥା ଯେତେବେଳେ ନିଜେ ଆଇନର ଉଲ୍ଲଂଘନ କରେ, ସେତେବେଳେ ସାଧାରଣ ନାଗରିକଙ୍କର ବ୍ୟବସ୍ଥା ଉପରୁ ବିଶ୍ୱାସ ତୁଟିଯାଏ । ତେଣୁ ଏହି ମୃତ୍ୟୁଦଣ୍ଡାଦେଶ କେବଳ ୯ ଜଣ ଅପରାଧୀଙ୍କ ପାଇଁ ଶାସ୍ତି ନୁହେଁ, ବରଂ ସମଗ୍ର ପୋଲିସ୍ ବିଭାଗରେ ବ୍ୟାପିଥିବା ଦଣ୍ଡମୁକ୍ତି ବା ଖସିଯିବାର ସଂସ୍କୃତି ଉପରେ ଏକ ଶକ୍ତ ପ୍ରହାର । ଏହା ପ୍ରମାଣିତ କରୁଛି ଯେ ଖାକି ବର୍ଦ୍ଦି ପିନ୍ଧିଲେ କେହି ଆଇନର ଊର୍ଦ୍ଧ୍ୱରେ ରହିପାରିବେ ନାହିଁ । ତଥାପି, ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କେବଳ ଗୋଟିଏ କଠୋର ରାୟ ଦ୍ୱାରା ବ୍ୟବସ୍ଥାଗତ ପରିବର୍ତ୍ତନ ଆସିଯିବ ବୋଲି ଭାବିବା ଆମର ନିର୍ବୋଧତା ହେବ। ଏଥିପାଇଁ ଆମକୁ ଭାରତରେ ହାଜତ ମୃତ୍ୟୁର ବ୍ୟାପକତା ଏବଂ ଏହାର ପରିସଂଖ୍ୟାନ ଉପରେ ଗଭୀର ଦୃଷ୍ଟି ନିକ୍ଷେପ କରିବାକୁ ପଡ଼ିବ।

ଭାରତରେ ହାଜତ ମୃତ୍ୟୁ କୌଣସି ନୂଆ କଥା ନୁହେଁ ଏବଂ ଏହା ଏକ ବ୍ୟବସ୍ଥାଗତ ବ୍ୟାଧିରେ ପରିଣତ ହୋଇଛି । ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ପୋଲିସ୍ ନିଜକୁ ଜନସାଧାରଣଙ୍କ ସେବକ ଭାବରେ ନ ଦେଖି ଶାସକ ଭାବରେ ଦେଖିବାକୁ ପସନ୍ଦ କରୁଛି। ତଥ୍ୟ ଭିତ୍ତିକ ବିଶ୍ଳେଷଣ କଲେ ଚିତ୍ର ଅତ୍ୟନ୍ତ ଭୟାବହ ମନେହୁଏ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଏବଂ ଜାତୀୟ ମାନବାଧିକାର ଆୟୋଗର ତଥ୍ୟ ଅନୁଯାୟୀ, ଭାରତରେ ପ୍ରତିଦିନ ହାରାହାରି ୫ ଜଣ ବ୍ୟକ୍ତିଙ୍କର ହାଜତରେ ମୃତ୍ୟୁ ଘଟୁଛି । ବିଗତ କିଛି ବର୍ଷ ମଧ୍ୟରେ ଦେଶରେ ହଜାର ହଜାର ହାଜତ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି । ଆହୁରି ଚିନ୍ତାଜନକ ବିଷୟ ହେଉଛି, କେବଳ ୨୦୨୪ ମସିହାରେ ଜାତୀୟ ମାନବାଧିକାର ଆୟୋଗ ପ୍ରାୟ ୨,୭୩୯ ଟି ହାଜତ ମୃତ୍ୟୁ ମାମଲା ରେକର୍ଡ କରିଥିଲେ । ଏହି ପରିସଂଖ୍ୟାନ କେବଳ କାଗଜପତ୍ରରେ ସୀମିତ ନୁହେଁ, ଏହା ପଛରେ ଲୁଚି ରହିଛି ହଜାର ହଜାର ପରିବାରର ଲୁହ ଏବଂ ନ୍ୟାୟ ପାଇଁ ଆର୍ତ୍ତନାଦ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ମାମଲାଗୁଡ଼ିକରେ ଦୋଷୀ ସାବ୍ୟସ୍ତ ହେବାର ହାର ପ୍ରାୟ ଶୂନ । ସରକାରୀ ତଥ୍ୟ ଦର୍ଶାଉଛି ଯେ ବହୁ ସଂଖ୍ୟକ ମୃତ୍ୟୁ ସତ୍ତ୍ୱେ କେବଳ ଅତି ନଗଣ୍ୟ ସଂଖ୍ୟକ ମାମଲାରେ ପୋଲିସ୍ କର୍ମଚାରୀଙ୍କୁ ଦଣ୍ଡିତ କରାଯାଇଛି । ଏହି ତଥ୍ୟ ସ୍ପଷ୍ଟ କରୁଛି ଯେ ଆମର ନ୍ୟାୟିକ ଏବଂ ପ୍ରଶାସନିକ ବ୍ୟବସ୍ଥାରେ ଏପରି କିଛି ଛିଦ୍ର ରହିଛି, ଯାହାର ଫାଇଦା ଉଠାଇ ଅପରାଧୀ ପୋଲିସ୍ ଅଧିକାରୀମାନେ ସହଜରେ ଖସିଯାଉଛନ୍ତି । ସାଥାନକୁଲମ୍ ମାମଲା ଏକ ବ୍ୟତିକ୍ରମ, କାରଣ ଏଥିରେ ଜନଅସନ୍ତୋଷ ଏବଂ ଗଣମାଧ୍ୟମର ଚାପ ଏତେ ଅଧିକ ଥିଲା ଯେ ବ୍ୟବସ୍ଥାକୁ ବାଧ୍ୟ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଲା । କିନ୍ତୁ ଦେଶର ଅଗମ୍ୟ ପଲ୍ଲୀ ଏବଂ ଗ୍ରାମାଞ୍ଚଳରେ ଘଟୁଥିବା ଅନେକ ହାଜତ ମୃତ୍ୟୁ ଲୋକଲୋଚନକୁ ଆସିପାରୁନାହିଁ ।

ଏହି ବ୍ୟବସ୍ଥାଗତ ବିଫଳତା ପଛରେ ଥିବା ଆଇନଗତ ଶୂନ୍ୟତାକୁ ମଧ୍ୟ ଆଲୋଚନା କରିବା ନିହାତି ଜରୁରୀ । ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ଯାତନା ବିରୋଧୀ ମିଳିତ ଜାତିସଂଘ ସମ୍ମିଳନୀକୁ ବିଧିବଦ୍ଧ ଭାବରେ ଅନୁମୋଦନ କରିନାହିଁ । ନିର୍ଯାତନାକୁ ରୋକିବା ପାଇଁ ଦେଶରେ କୌଣସି ସ୍ୱତନ୍ତ୍ର ଏବଂ କଠୋର ଆଇନ ପ୍ରଣୟନ କରାଯାଇ ନାହିଁ କିମ୍ବା ଆମର ଫୌଜଦାରୀ ଆଇନରେ ନିର୍ଯାତନାର କୌଣସି ସ୍ପଷ୍ଟ ସଂଜ୍ଞା ନାହିଁ । ଯଦିଓ ସୁପ୍ରିମକୋର୍ଟ ଗିରଫଦାରୀ ଏବଂ ହାଜତ ନିର୍ଯାତନା ରୋକିବା ପାଇଁ ବ୍ୟାପକ ମାର୍ଗଦର୍ଶିକା ଜାରି କରିଛନ୍ତି ଏବଂ ସମସ୍ତ ଥାନାରେ ସିସିଟିଭି କ୍ୟାମେରା ଲଗାଇବା ବାଧ୍ୟତାମୂଳକ କରିଛନ୍ତି, ତଥାପି ବାସ୍ତବ କ୍ଷେତ୍ରରେ ଏହାର ଅନୁପାଳନ ଅତ୍ୟନ୍ତ ନୈରାଶ୍ୟଜନକ । ଅଧିକାଂଶ ସମୟରେ ପୋଲିସ୍ ଥାନାରେ ସିସିଟିଭି କ୍ୟାମେରା ଖରାପ ଥିବାର ବାହାନା କରାଯାଏ କିମ୍ବା ଅଭିଯୁକ୍ତଙ୍କୁ କ୍ୟାମେରା ନଥିବା ସ୍ଥାନକୁ ନେଇ ଅକଥନୀୟ ନିର୍ଯାତନା ଦିଆଯାଏ । ଏହା ସହିତ ଏହି ହିଂସାର ଏକ ଗଭୀର ସାମାଜିକ ଦିଗ ମଧ୍ୟ ରହିଛି । ହାଜତ ମୃତ୍ୟୁର ଶିକାର ହେଉଥିବା ଅଧିକାଂଶ ବ୍ୟକ୍ତି ସମାଜର ଗରିବ, ଦଳିତ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଆସିଥାନ୍ତି । ସେମାନଙ୍କର ସାମାଜିକ ପ୍ରଭାବ କିମ୍ବା ଆଇନଗତ ଲଢ଼େଇ ଲଢ଼ିବାର ଆର୍ଥିକ ସମ୍ବଳ ନଥିବାରୁ ପୋଲିସ୍ ସେମାନଙ୍କୁ ସହଜ ଶିକାର ମନେକରେ। ଅପରାଧ ସ୍ୱୀକାର କରାଇବା ପାଇଁ ହେଉ କିମ୍ବା ନିଜର ଆଧିପତ୍ୟ ଜାହିର କରିବା ପାଇଁ, ତୃତୀୟ ଦରଜାର ନିର୍ଯାତନା ଏବେ ବି ଅନେକ ଥାନାରେ ଏକ ଅଘୋଷିତ ନିୟମ ହୋଇ ରହିଛି ।

ଏହି ପରିପ୍ରେକ୍ଷୀରେ ସାଥାନକୁଲମ୍ ରାୟ ଏକ ନୂତନ ଆଶାର ସଞ୍ଚାର କରିଛି । ମାତ୍ର ଏହି ରାୟକୁ କେବଳ ଏକ ଉଦାହରଣ ଭାବରେ ନ ଦେଖି ଏହାକୁ ଏକ ମୂଳଦୁଆ ଭାବରେ ଗ୍ରହଣ କରି ବ୍ୟାପକ ପୋଲିସ୍ ସଂସ୍କାର ଆଣିବାର ସମୟ ଉପନୀତ ହୋଇଛି । ପ୍ରଥମତଃ, ପୋଲିସ୍ ବିଭାଗକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ କରିବା ସହିତ ଏକ ସ୍ୱାଧୀନ ପୋଲିସ୍ ଅଭିଯୋଗ ପ୍ରାଧିକରଣ ଗଠନ କରାଯିବା ଆବଶ୍ୟକ, ଯେଉଁଠାରେ ସାଧାରଣ ନାଗରିକମାନେ ବିନା ଭୟରେ ଅଭିଯୋଗ କରିପାରିବେ । ଦ୍ୱିତୀୟତଃ, ସଂସଦରେ ଅବିଳମ୍ବେ ଏକ ସ୍ୱତନ୍ତ୍ର ନିର୍ଯାତନା ବିରୋଧୀ ଆଇନ ପାରିତ ହେବା ଉଚିତ୍, ଯାହାଦ୍ୱାରା ହାଜତ ନିର୍ଯାତନାକୁ ଏକ ସ୍ୱତନ୍ତ୍ର ଅପରାଧ ଭାବରେ ବିବେଚନା କରାଯାଇପାରିବ । ତୃତୀୟତଃ, ପୋଲିସ୍ କର୍ମଚାରୀମାନଙ୍କର ନିୟମିତ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ମାନବାଧିକାର ସମ୍ପର୍କିତ ତାଲିମ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ବୈଜ୍ଞାନିକ ଅନୁସନ୍ଧାନ ପଦ୍ଧତିର ବ୍ୟବହାରକୁ ପ୍ରୋତ୍ସାହିତ କରାଗଲେ ଅପରାଧ ସ୍ୱୀକାର କରାଇବା ପାଇଁ ଶାରୀରିକ ନିର୍ଯାତନା ଉପରେ ନିର୍ଭରଶୀଳତା କମିବ । ସର୍ବୋପରି, ଜାତୀୟ ଏବଂ ରାଜ୍ୟ ମାନବାଧିକାର ଆୟୋଗଗୁଡ଼ିକୁ ଅଧିକ କ୍ଷମତାଶାଳୀ କରାଯିବା ଉଚିତ୍ ଯାହାଦ୍ୱାରା ସେମାନଙ୍କର ନିର୍ଦ୍ଦେଶ ବାଧ୍ୟତାମୂଳକ ହୋଇପାରିବ । ଜୟରାଜ ଏବଂ ବେନିକ୍ସ ଆଉ ଫେରିବେ ନାହିଁ, କିନ୍ତୁ ସେମାନଙ୍କର ମୃତ୍ୟୁ ପାଇଁ ମିଳିଥିବା ଏହି ଐତିହାସିକ ନ୍ୟାୟ ଭାରତୀୟ ପୋଲିସ୍ ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନ ପାଇଁ ଉତ୍ପ୍ରେରକ ସାଜିବା ଦରକାର । ପୋଲିସ୍ ଥାନାଗୁଡ଼ିକ ଭୟ ଏବଂ ଆତଙ୍କର କେନ୍ଦ୍ର ନ ହୋଇ ସାଧାରଣ ନାଗରିକଙ୍କ ପାଇଁ ସୁରକ୍ଷା ଏବଂ ଭରସାର କେନ୍ଦ୍ରରେ ପରିଣତ ହେଲେ ହିଁ ଗଣତନ୍ତ୍ରର ପ୍ରକୃତ ବିଜୟ ହେବ ଏବଂ ହାଜତ ମୃତ୍ୟୁ ଭଳି କଳଙ୍କରୁ ସମାଜ ମୁକ୍ତ ହୋଇପାରିବ ।



# ପଶ୍ଚିମ ଏସିଆରେ ଯୁଦ୍ଧ ପ୍ରସଙ୍ଗ : ଭାରତର 'ଷ୍ଟ୍ରାଟେଜିକ ସାଇଲେନ୍ସ'ର ନୀତି



ଡ. ସମନ୍ୱୟ ନନ୍ଦ

ଇରାନ ଉପରେ ଇସ୍ରାଏଲ-ଆମେରିକା ଦ୍ୱାରା ଆକ୍ରମଣ ଓ ଏହା ପରେ ଇରାନ ଦ୍ୱାରା ବିଭିନ୍ନ ଉପସାଗରୀୟ ଦେଶ ଗୁଡିକ ଉପରେ ପ୍ରତି ଆକ୍ରମଣ ଘଟଣାରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସଂସଦରେ ନିଜ ଆଡୁ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ ଜୟଶଙ୍କର ଭାରତର ନୀତି ଓ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି । ଏହି ଲେଖାରେ ଭାରତର ଏହି ନୀତି ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିବା ।

ବୈଦେଶିକ ମନ୍ତ୍ରୀ ସଂସଦରେ ଦେଇଥିବା ବକ୍ତବ୍ୟକୁ ଯଦି ଭଲ ଭାବେ ଅନୁଶୀଳନ କରିବା ତେବେ ଦେଖିବା ଯେ ଭାରତ ମୋଟ ଉପରେ ଚାରୋଟି ମୁଖ୍ୟ ସିଦ୍ଧାନ୍ତକୁ ନେଇ ତାର ତାର ଆଭିମୁଖ୍ୟକୁ ସାମନାକୁ ଆଣିଛି। ଏଥିରେ ସର୍ବପ୍ରଥମ ହେଲା ଯେ ଏହି ଯୁଦ୍ଧଗ୍ରସ୍ତ ଉପସାଗରୀୟ ଅଂଚଳରେ ଥିବା ଦେଶ ମାନଙ୍କରେ ରହୁଥିବା ପ୍ରବାସୀ ଭାରତୀୟ ମାନଙ୍କର ସୁରକ୍ଷା। ଯେପରିକି ସମସ୍ତେ ଜାଣନ୍ତି ଏହି ଦେଶ ମାନଙ୍କରେ ଖୁବ ଅଧିକ ସଂଖ୍ୟାରେ ଭାରତୀୟ ନାଗରିକ ମାନେ କାମ କରିଥାନ୍ତି । ତେଣୁ ଏହି ଭାରତୀୟ ନାଗରିକ ମାନଙ୍କର ସୁରକ୍ଷା ଭାରତ ପ୍ରତିବଦ୍ଧ । ସେମାନଙ୍କ ସୁରକ୍ଷା ସହ ଯଦି ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଆବଶ୍ୟକତା ଆସେ ତେବେ ସେମାନଙ୍କୁ ଦେଶକୁ ଫେରାଇ ଆଣିବା ଉପରେ ଭାରତର ଧ୍ୟାନ ରହିବ ।

ଦ୍ୱିତୀୟ କଥା ହେଲା ଯେ ଏହି ଉପସାଗରୀୟ ଦେଶ ମାନଙ୍କରେ ଅନେକ ଭାରତୀୟ ନାଗରିକ କାମ କରୁଥିବା କାରଣରୁ ଭାରତକୁ ଏହି ଅଂଚଳରୁ ଆମ ଦେଶକୁ ବିଦେଶୀ ଅର୍ଥ (ଫରେନ ରେମିଟେନ୍ସ) ହାସଲ ହୋଇଥାଏ । ଏହି ଅର୍ଥ ଭାରତର ଅର୍ଥନୈତିକ ପ୍ରଗତି କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଏହି ବିଦେଶରୁ ଆସୁଥିବା ଅର୍ଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ବର୍ତ୍ତମାନ ସମୟରେ ଆମ ପାଇଁ ସବୁଠାରୁ ବଡ ପ୍ରାଥମିକତା ହେଲା ଯେ ଏହି ଫରେନ ରେମିଟେନ୍ସ ଦୀର୍ଘ କାଳୀନ ସ୍ଥିତିରେ କିପରି ଅବାଧ ଭାବେ ଜାରୀ ରହିବ ଓ ଆମ ଦେଶର ବିକାଶ କାହାଣୀରେ ଏହାର ଯୋଗଦାନ କିପରି ଚାଲୁ ରହିବ ତାହା ସୁନିଶ୍ଚିତ କରିବା । ତୃତୀୟ ସବୁଠାରୁ ବଡ କଥା ହେଲା ଯେ ଭାରତ ଚାହେଁ ଯେ ଆମ ଦେଶର ଶକ୍ତି ଚାହିଦାକୁ ମେଂଟାଇବାକୁ ଆମଦାନୀ ହେଉଥିବା ପେଟ୍ରୋଲିୟମ ଉତ୍ପାଦ ଓ ଗ୍ୟାସର ଯୋଗାଣକୁ କୌଣସି ପରିସ୍ଥିତିରେ ବାଧିତ ହେବାକୁ ଦିଆଯିବ ନାହିଁ । ପେଟ୍ରୋଲିୟମ ଉତ୍ପାଦ ଓ ଗ୍ୟାସ ପାଇଁ ବର୍ତ୍ତମାନ ସମୟରେ ଭାରତ ପଶ୍ଚିମ ଏସିଆର ଅନେକ ଦେଶ ସହ କଥାବାର୍ତ୍ତା କରି ସେମାନଙ୍କ ଠାରୁ ନିଜର ଏହି ଶକ୍ତି ଚାହିଦା ମେଂଟାଇବା ପାଇଁ ଆବଶ୍ୟକୀୟ ତୈଳ ଓ ଗ୍ୟାସ ଆମଦାନୀ କରିଥାଏ । ଭାରତ ଏବେ ମଧ୍ୟ ତାର ଘରୋଇ ଶକ୍ତି ଚାହିଦା ମେଂଟାଇବା ପାଇଁ ବାହାର ଦେଶ ମାନଙ୍କ ଉପରେ ନିର୍ଭରଶୀଳ। ତେଣୁ ଏହି ଉପସାଗରୀୟ ଅଂଚଳ ଭାରତ ପାଇଁ ଶକ୍ତି ଚାହିଦା ମେଂଟାଇବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଭଳି ସ୍ଥିତିରେ ଦେଶର ଶକ୍ତି ଚାହିଦାକୁ ପୂରଣ କରିବା ଓ ଯୋଗାଣ କିପରି ବାଧିତ ନ ହେବ ତାହା ସୁନିଶ୍ଚିତ କରିବା ଭାରତର ରଣନୀତିର ଏକ ପ୍ରମୁଖ ଲକ୍ଷ୍ୟ। ଭାରତର ରଣନୀତିର ଚତୁର୍ଥ ସିଦ୍ଧାନ୍ତ ହେଲା ଯେ, ଭାରତ ଏବେ ସୁଦ୍ଧା ଏହି ଉପସାଗରୀୟ ଅଂଚଳର ସୁନ୍ନି ଦେଶ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସନ୍ତୁଳନ ସ୍ଥାପିତ କରି ଆସୁଛି। ଏହି ସନ୍ତୁଳନର ଅର୍ଥ ହେଲା ଯେ ଭାରତର ସମ୍ପର୍କ ସୁନ୍ନୀ ମୁସଲମାନ ଦେଶ ମାନଙ୍କ ସହିତ ଖୁବ ଭଲ ରହିଛି। ଏହି ସୁନ୍ନୀ ମୁସଲମାନ ଦେଶ ମାନଙ୍କରୁ ଭାରତ ତାର ଶକ୍ତି ଚାହିଦାକୁ ପୂରଣ କରିଥାଏ । ସେହିପରି ଇସ୍ରାଏଲ ସହିତ ଭାରତର ସମ୍ପର୍କ ଅତ୍ୟନ୍ତ ଭଲ ରହିଛି । ପ୍ରତିରକ୍ଷା ଓ କୃଷି ସହଯୋଗ କ୍ଷେତ୍ରରେ ଇସ୍ରାଏଲ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଇରାନର ଚାବାହାର ବନ୍ଦର ବ୍ୟବହାର କରି ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଫଗାନିସ୍ତାନ କୁ ପହଂଚିବାରେ ସାହାଯ୍ୟ କରିବା ସହ ସେଂଟ୍ରାଲ ଏସିଆ ପହଂଚିବା ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କାରଣରୁ ଏହି ଯୁଦ୍ଧ ପ୍ରସଙ୍ଗରେ ଭାରତ କୌଣସି ପକ୍ଷର ସମର୍ଥନରେ କିମ୍ବା କୌଣସି ପକ୍ଷର ବିରୋଧରେ ଠିଆ ହୋଇଥିବା ଭଳି ବକ୍ତବ୍ୟ ପ୍ରଦାନ କରି ନାହିଁ । ସରଳ କୂଟନୈତିକ ଭାଷାରେ ରଣନୈତିକ ନୀରବତା ('ଷ୍ଟ୍ରାଟେଜିକ ସାଇଲେନ୍ସ') ବୋଲି କୁହାଯାଇଥାଏ ।

ଏଠାରେ ସ୍ପଷ୍ଟ କରିଦେବା ଉଚିତ ହେବ ଯେ 'ଷ୍ଟ୍ରାଟେଜିକ ସାଇଲେନ୍ସ'ର ଅର୍ଥ ଇନାଇକ୍ଟିଭିଟି ନୁହେଁ । 'ଷ୍ଟ୍ରାଟେଜିକ ସାଇଲେନ୍ସ'କୁ ଏଠାରେ ଏଇଥି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଇଥାଏ, ଯେତେବେଳେ ଏଭଳି ପରିସ୍ଥିତିରେ କୌଣସି ଦେଶର ଜାତୀୟ ସ୍ୱାର୍ଥ ସର୍ବାଧିକ ଗୁରୁତ୍ୱ ବହନ କରେ । ସେହି ପରିସ୍ଥିତିରେ କୌଣସି ଦେଶର ଲକ୍ଷ୍ୟ ଏଭଳି ହେବା ଉଚିତ ଯେ ଉକ୍ତ ଦେଶ ସାର୍ବଜନୀନ ଭାବେ କୌଣସି ଗୋଟିଏ ଦେଶ ବା ପକ୍ଷର ସମର୍ଥନରେ ବାହାରିବା ଉଚିତ ନୁହେଁ । ଯଦି କୌଣସି ଦେଶ ଏଭଳି ସ୍ଥିତିରେ ଗୋଟିଏ ପକ୍ଷ କିମ୍ବା ଦେଶ ସମର୍ଥନରେ ବାହାରିଥାଏ ତେବେ ଦୀର୍ଘକାଳୀନ ସ୍ଥିତିରେ ତାକୁ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଥାଏ । ଏପରି କରିବା ଦ୍ୱାରା ଉକ୍ତ ଦେଶର ବିଦେଶ ନୀତି ପରିଚାଳନା ବେଳେ ମେନୁଭେରେବିଲିଟୀ ହ୍ରାସ ପାଇଥାଏ । ତେଣୁ ଆଜିର ତାରିଖରେ ଭାରତ ଦୀର୍ଘ କାଳୀନ ଭିତିରେ ଷ୍ଟ୍ରାଟେଜିକ ମେନୁଭେରେବିଲିଟୀ ଚାହୁଁଛି ଓ ଏହି ଦୃଷ୍ଟିକୋଣ ନେଇ କାର୍ଯ କରୁଛି ।

ସରଳ ଭାବେ ଯଦି ଆମେ ବୁଝିବାକୁ ଚେଷ୍ଟା କରିବା ତେବେ ଭାରତ ଏହି ଯୁଦ୍ଧ ପରିସ୍ଥିତିରେ ଯେଉଁ ରଣନୀତି ବା ଆଭିମୁଖ୍ୟ ଆପଣାଇଛି ଯାହା ଦ୍ୱାରା ଦୀର୍ଘକାଳୀନ ଭିତିରେ ଭାରତ ନିକଟରେ ମେନୁଭେରେବିଲିଟି ତିଆରି ହେବ । ଯଦି ଭାରତ ଆଜି ତାରିଖରେ ଇସ୍ରାଏଲ କିମ୍ବା ଆମେରିକାକୁ ନିନ୍ଦା କରି ନାହିଁ କିମ୍ବା ଇରାନକୁ କୌଣସି ପ୍ରକାରରେ ଗୁପ୍ତ ଭାବରେ ହେଲେ ମଧ୍ୟ ସହଯୋଗ କରି ନାହିଁ ତେବେ ଭାରତ ଏକ ସ୍ଥାନ ତିଆରି କରି ପାରିବ । ଯଦି ପରେ କୌଣସି ପରିସ୍ଥିତିରେ ଏହି ଯୁଦ୍ଧକୁ ସମାପ୍ତ କରିବାକୁ ମଧ୍ୟସ୍ଥତାର ଆବଶ୍ୟକତା ପଡିବ ତେବେ ଭାରତ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇ ପାରେ । ଐତିହାସିକ ଦୃଷ୍ଟିରୁ ଏପରି ଅନେକ ଉଦାହରଣ ରହିଛି । ତେଣୁ ଏଠାରେ ମେନୁଭେରେବିଲିଟି ବଢାଇବାକୁ ଧ୍ୟାନରେ ରଖି ଭାରତ ଦୀର୍ଘ କାଳୀନ ଭିତିରେ ଏକ ସ୍ଥାନ ତିଆରି କରିବାକୁ ପ୍ରୟାସ କରିଛି । ଏହି ସମ୍ପୂର୍ଣ ମାମଲାରେ ଭାରତ ଯେଉଁ ରଣନୀତି ଆପଣାଇଛି ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଭାରତ ତାର ବୈଦେଶିକ ନୀତିରେ 'ବୈଚାରିକ ଲିନିଂ'କୁ ସମ୍ପୂର୍ଣ ଭାବେ ହଟାଇ ଦେଇଛି । 'ବୈଚାରିକ ଲିନିଂ'ଅର୍ଥ ହେଉଛି କୌଣସି ପୂର୍ବ ନିର୍ଧାରିତ ଲେନ୍ସରୁ ଦେଖି ବିଦେଶ ନୀତି ସ୍ଥିର କରିବା । ଭାରତ ସ୍ପଷ୍ଟ କରି ଦେଇଛି ଭାରତର ବିଦେଶ ନୀତି 'ବୈଚାରିକ ଲିନିଂ'ଆଧାରରେ ନୁହେଁ ବରଂ ବ୍ୟବହାରିକତା ଆଧାରରେ ହେବ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯଦି ଆମେ ଦେଖିବା ତେବେ ପାଇବା ଯେ ଏହି ମାମଲାରେ ଭାରତ ତାର 'ଷ୍ଟ୍ରାଟେଜିକ ଅଟନୋମୀ'କୁ ବଜାୟ ରଖିଛି । ଭାରତ କାହା ଚାପରେ ନ ଆସି ନିଜ ଦେଶର ସ୍ୱାର୍ଥକୁ ସର୍ବୋପରି ମନେ କରି ତାର ଆଭିମୁଖ୍ୟ ସ୍ଥିର କରିଛି । ଭାରତର ଜାତୀୟ ସ୍ୱାର୍ଥ ଯେପରିକି ପ୍ରବାସୀ ଭାରତୀୟଙ୍କ ସୁରକ୍ଷା, ଦେଶବାସୀଙ୍କର ତୈଳ ଓ ଗ୍ୟାସ ଚାହିଦା ପୂରଣ କରିବା, ବିଦେଶୀ ରେମିଟେନ୍ସ ତଥା ସୁନ୍ନୀ ଦେଶ, ଇସ୍ରାଏଲ ଓ ଇରାନ ସହ ସନ୍ତୁଳନ ସ୍ଥାପିତ କରିବା ଆଧାରରେ ଭାରତ ତାର ଆଭିମୁଖ୍ୟ ସ୍ଥିର କରିଛି । ତେଣୁ ଇରାନ ଯୁଦ୍ଧ ସମୟରେ ଭାରତ 'ଷ୍ଟ୍ରାଟେଜିକ ସାଇଲେନ୍ସ' ସହିତ 'ଷ୍ଟ୍ରାଟେଜିକ ଅଟୋନମୀ' ତଥା ବିଭିନ୍ନ ଦେଶ ସହ ସମ୍ପର୍କ ରକ୍ଷା କରିବାର ନୀତି ଆପଣାଇଛି । ଆଗାମୀ ଦିନରେ ଯେବେ ଏହି ଯୁଦ୍ଧ ସମାପ୍ତ ହେବ ଓ ପୁନର୍ନିର୍ମାଣର କଥା ଆସିବ ସେତେବେଳେ ଭାରତ ଏକ ବିଶ୍ୱସନୀୟ ଦେଶ ଭାବେ ଏହି କାର୍ଯ୍ୟରେ ମଧ୍ୟ ଯୋଗ ଦେଇ ପାରିବ । ତେଣୁ ମୋଟ ଉପରେ କହିବାକୁ ଗଲେ ଭାରତ ଭାରତ ଓ ଭାରତବାସୀଙ୍କ ସ୍ୱାର୍ଥକୁ କେନ୍ଦ୍ରରେ ରଖିଏକ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି ଯାହାର ପ୍ରଭାବ ସୁଦୂରପ୍ରସାରୀ ହେବ ।

# ସମାଜ ପ୍ରଗତିରେ ଗୋଷ୍ଠୀ ବେତାର



ଅଧ୍ୟାପକ ରାଜେଶ୍ ରାୟ

**ଓଡ଼ିଶାର ଜଗତସିଂହପୁର ଜିଲ୍ଲାରେ ଥିବା ରେଡ଼ିଓ ସଂସ୍କାର ୯୧.୨ ଏଫ୍ ଏମ' ନାମକ ଗୋଷ୍ଠୀ ବେତାର 'ମାସ୍କ' ନାମରେ କାର୍ଯ୍ୟକ୍ରମ ପ୍ରସାରଣ କରି ସ୍ଥାନୀୟ ଲୋକଙ୍କୁ ମାସ୍କ ପରିଧାନ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇ ସରକାରଙ୍କ ପ୍ରଶଂସା ପତ୍ର ସାଉଁଟିଥିଲା। ନୟାଗଡ଼ ଜିଲ୍ଲାରେ କାର୍ଯ୍ୟ କରୁଥିବା ରେଡ଼ିଓ ସୁରଭି କରୋନା ସମୟରେ 'ଶିକ୍ଷା ସୁରଭି' ନାମରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ରେଡ଼ିଓ ମାଧ୍ୟମରେ ଶିକ୍ଷାଦାନ କରୁଥିଲା।**

ରେଡ଼ିଓ ବା ବେତାର ଜଗତରେ ଅଦ୍ୱିତୀୟ ସୃଷ୍ଟି ଭାବେ ଉଭା ହୋଇଥିବା ଉପହାରଟି ହେଉଛି 'ଗୋଷ୍ଠୀ ବେତାର ବା କମ୍ୟୁନିଟି ରେଡ଼ିଓ'। ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ମଧ୍ୟରେ ନିଜର ପ୍ରସାରଣ କାର୍ଯ୍ୟ ସମ୍ପାଦନ କରୁଥିବା ଏହି ବେତାର ସଂସ୍ଥା ସମାଜ ପ୍ରଗତିରେ ସକ୍ରିୟ କାରକ ଭାବେ ଦଣ୍ଡାୟମାନ ରହିଛି । ଗୋଷ୍ଠୀ ବେତାର ସୀମିତ ଶ୍ରୋତା ମାନଙ୍କ ପାଖରେ ପହଞ୍ଚିଥାଏ ଯେପରିକି ଗ୍ରାମାଞ୍ଚଳ ଲୋକ, କୃଷକ, ଛାତ୍ରଛାତ୍ରୀ ଇତ୍ୟାଦି । ଏହା କୌଣସି ବାଣିଜ୍ୟିକ କାର୍ଯ୍ୟକ୍ରମ ପ୍ରସାରଣ କରେନି ବରଂ ଗ୍ରାମାଞ୍ଚଳ ସମସ୍ୟା ଏବଂ ଗୋଷ୍ଠୀ ବିକାଶ ଉପରେ ବିଶେଷ ଧ୍ୟାନ ଦିଏ ସେଥିପାଇଁ ଅନ୍ୟ ସାର୍ବଜନୀନ ରେଡ଼ିଓ ଏବଂ ବେସରକାରୀ ରେଡ଼ିଓ ସଂସ୍ଥା ତୁଳନାରେ ଗୋଷ୍ଠୀ ବେତାର ସ୍ୱତନ୍ତ୍ର ଅଟେ । ୧୯୯୫ ମସିହାରେ ମାନ୍ୟବର ସୁପ୍ରିମକୋର୍ଟ ପ୍ରସାରଣକୁ ନେଇ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଥିଲେ ଯେ ପ୍ରସାରଣ ହେଉଛି ସାର୍ବଜନୀନ ସମ୍ପତ୍ତି ଯାହା ଲୋକମାନଙ୍କର ହିତ ପାଇଁ ଉଦ୍ଦିଷ୍ଟ। ଏହି ରାୟକୁ ଭିତ୍ତିକରି ଭାରତ ସରକାରଙ୍କ ତରଫରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଗୋଷ୍ଠୀ ବେତାର କେନ୍ଦ୍ର ସ୍ଥାପନ ପାଇଁ ନିୟମାବଳୀ ଆସିଲା। ଭାରତରେ କମ୍ୟୁନିଟି ରେଡିଓର ଯାତ୍ରା ୨୦୦୨ ମସିହାରେ ଆରମ୍ଭ ହୋଇଥିଲା, ସେତେବେଳେ ଭାରତ ସରକାର ଭାରତୀୟ ପ୍ରଯୁକ୍ତି ସଂସ୍ଥାନ (IIT) ଏବଂ ଭାରତୀୟ ପରିଚାଳନା ସଂସ୍ଥାନ (IIM) ସମେତ ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗୁଡ଼ିକୁ କମ୍ୟୁନିଟି ରେଡିଓ ଷ୍ଟେସନ ସ୍ଥାପନ ନିମନ୍ତେ ଲାଇସେନ୍ସ ପ୍ରଦାନ ପାଇଁ ଏକ ନୀତିକୁ ଅନୁମୋଦନ କରିଥିଲେ। ଗୋଷ୍ଠୀ ବେତାର ସମାଜର ସ୍ୱରକୁ ପ୍ରତିନିଧିତ୍ୱ କରେ ବୋଲି ବିଚାର କରି, ସରକାର ବିକାଶ ଏବଂ ସାମାଜିକ ପରିବର୍ତ୍ତନ ସମ୍ବନ୍ଧୀୟ ପ୍ରସଙ୍ଗରେ ନାଗରିକ ସମାଜକୁ ଅଧିକ ଅଂଶଗ୍ରହଣ କରିବାକୁ ଅନୁମତି ଦେବା ପାଇଁ ନାଗରିକ ସମାଜ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଇତ୍ୟାଦି ଅଣ ଲାଭକାରୀ ସଂଗଠନ ଗୁଡ଼ିକୁ ଏହାର ପରିସରଭୁକ୍ତ କରି ନୀତିକୁ ବିସ୍ତୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାଥମିକ ସ୍ତରରେ ଏହା ୧୦ ରୁ ୧୫ କିଲୋମିଟର ପରିଧି ମଧ୍ୟରେ କାମ କରୁଥିଲା । ପରେ ୨୦୦୮ ମସିହାରେ ଉକ୍ତ ନୀତିକୁ ପରିବର୍ତ୍ତନ କରାଯାଇ ବିଭିନ୍ନ ବେସରକାରୀ ସଂଗଠନ, ନାଗରିକ ସମାଜ ସଂଗଠନ, କୃଷକ ସଂଗଠନ ଏବଂ ସ୍ୱଂୟ ସହାୟକ ସଂଗଠନ ଦ୍ୱାରା ଗୋଷ୍ଠୀ ବେତାର କେନ୍ଦ୍ର ପରିଚାଳିତ ହେଲା। ସାଧାରଣ ଭାବେ ଗୋଷ୍ଠୀ ବେତାରର ପ୍ରସାରଣ ଆବର୍ତ୍ତନ ହାର ଟ୍ରାନ୍ସମିଟର ପାଖରୁ ୫ କିଲୋମିଟର ପରିଧି ମଧ୍ୟରେ ରୁହେ। ଭାରତରେ ପ୍ରଥମେ କ୍ୟାମ୍ପସ ଆଧାରିତ ଗୋଷ୍ଠୀ ବେତାର କେନ୍ଦ୍ର ଚେନ୍ନାଇର ଆନ୍ନା ବିଶ୍ୱବିଦ୍ୟାଳୟରେ ୨୦୦୪ ମସିହା ଫେବୃଆରୀ ୧ ତାରିଖରେ ଭାରତ ରତ୍ନ ଶ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ଦ୍ୱାରା ସ୍ଥାପନ ହୋଇଥିଲା। ସେହିପରି ମଧ୍ୟପ୍ରଦେଶରେ 'ରେଡ଼ିଓ ବୁନ୍ଦେଲଖଣ୍ଡ' ନାମରେ ଦେଶର ଦ୍ୱିତୀୟ ଗୋଷ୍ଠୀ ବେତାର କେନ୍ଦ୍ର ୨୦୦୮ ମସିହା ଅକ୍ଟୋବର ୨୮ ତାରିଖରେ ପ୍ରସାରଣ କାର୍ଯ୍ୟ ଆରମ୍ଭ କରିଥିଲା। ଆନ୍ଧ୍ରପ୍ରଦେଶରେ ସ୍ଥାପନ ହୋଇଥିବା 'ସଙ୍ଗମ ରେଡ଼ିଓ' ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ଦେଶର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ଯାହା ୨୦୦୮ ମସିହା ଅକ୍ଟୋବର ୧୫ ତାରିଖରେ କାର୍ଯ୍ୟକ୍ଷମ ହେଲା। ଓଡ଼ିଶାରେ ଗୋଷ୍ଠୀ ବେତାରର ପ୍ରବେଶ ୨୦୧୦ ମସିହାରେ ହେଲା, 'ରେଡ଼ିଓ ନମସ୍କାର' ନାମରେ ରାଜ୍ୟର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର କୋଣାର୍କ ଠାରେ ସ୍ଥାପନ ହୋଇଥିଲା । ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ୫୦୦ ରୁ ଊର୍ଦ୍ଧ୍ୱ ଗୋଷ୍ଠୀ ବେତାର କାର୍ଯ୍ୟ କରୁଛି ତନ୍ମଧ୍ୟରୁ ଓଡ଼ିଶାରେ ପାଖାପାଖି ୪୬ଟି ରହିଛି ଯଥା ରେଡ଼ିଓ ସଂସ୍କାର (ଜଗତସିଂହପୁର), ରେଡ଼ିଓ ସୁରଭି (ନୟାଗଡ଼), ରେଡ଼ିଓ ହୀରାଖଣ୍ଡ (ସମ୍ବଲପୁର), ରେଡ଼ିଓ ଢେମସା (କୋରାପୁଟ) ଇତ୍ୟାଦି । ସମାଜରେ ପରିବର୍ତ୍ତନର ନୂଆ ଧାରା ବୁଣିବା ପାଇଁ ଗୋଷ୍ଠୀ ବେତାର କିପରି ବଳିଷ୍ଠ କାରକ ଭାବେ କାମ କରୁଛି ତାର କିଛି ଉଦାହରଣ ବିଚାର କଲେ : କରୋନା କାଳରେ ଗୋଷ୍ଠୀ ବେତାର ମାନେ ଅଦୃଶ୍ୟ ହିରୋ ପରି କାର୍ଯ୍ୟ ନିର୍ବାହ କରୁଥିଲେ, ହରିଆଣାରେ ଥିବା Alfaz -ର - Mewat 107.8 ଏଫ୍ ଏମ ନାମକ ବେତାର' ୨୧ ଦିନ ୨୧ କଥା 'ଶୀର୍ଷକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ସ୍ଥାନୀୟ ଶ୍ରୋତାଙ୍କୁ କରୋନା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଥିଲା। ଓଡ଼ିଶାର ଜଗତସିଂହପୁର ଜିଲ୍ଲାରେ ଥିବା ରେଡ଼ିଓ ସଂସ୍କାର ୯୧.୨ ଏଫ୍ ଏମ' ନାମକ ଗୋଷ୍ଠୀ ବେତାର 'ମାସ୍କ' ନାମରେ କାର୍ଯ୍ୟକ୍ରମ ପ୍ରସାରଣ କରି ସ୍ଥାନୀୟ ଲୋକଙ୍କୁ ମାସ୍କ ପରିଧାନ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇ ସରକାରଙ୍କ ପ୍ରଶଂସା ପତ୍ର ସାଉଁଟିଥିଲା। ନୟାଗଡ଼ ଜିଲ୍ଲାରେ କାର୍ଯ୍ୟ କରୁଥିବା ରେଡ଼ିଓ ସୁରଭି କରୋନା ସମୟରେ 'ଶିକ୍ଷା ସୁରଭି' ନାମରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ରେଡ଼ିଓ ମାଧ୍ୟମରେ ଶିକ୍ଷାଦାନ କରୁଥିଲା। କେବଳ ଏତିକି ନୁହେଁ, କୃଷି, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଏବଂ ସାମାଜିକ ଅନ୍ଧବିଶ୍ୱାସ ଉପରେ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ପ୍ରସାରଣ କରି ବିକାଶର ପଥେ ଗୋଷ୍ଠୀ ବେତାର ଅଗ୍ରସର ହେଉଛି । ଏହାଛଡ଼ା ସମାଜ ଉନ୍ନତି ମୂଳକ ପ୍ରସଙ୍ଗକୁ ନେଇ ଆଲୋଚନା ଚକ୍ର ମଧ୍ୟ ଆୟୋଜନ କରୁଛି ଯାହା ଦ୍ୱାରା ଗ୍ରାମାଞ୍ଚଳ ଲୋକମାନେ ସଚେତନ ହେବାସହ ଅନେକ ସୂଚନା ପାଉଛନ୍ତି। ତୃଣମୂଳ ସ୍ତରରେ ଲୋକଙ୍କ ସ୍ୱର ସାଜି ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ତତ୍ପର ରହିଥିବା ଗୋଷ୍ଠୀ ବେତାର ସ୍ଥାନୀୟ ପ୍ରଶାସନର ମୁଖ୍ୟ ଉପାଦାନ ଭାବେ ବର୍ତ୍ତମାନ କାର୍ଯ୍ୟ କରୁଛି ଏବଂ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚୁଛି । ଏଥିସହ ଯୁବଶକ୍ତିଙ୍କୁ ସ୍ୱାବଲମ୍ବୀ କରି ରେଡ଼ିଓ ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ ସୁଯୋଗ ମଧ୍ୟ ମିଳୁଛି କିନ୍ତୁ ଗୋଷ୍ଠୀ ବେତାର ସାମ୍ନାରେ ଅନେକ ପ୍ରତିବନ୍ଧକ ମଧ୍ୟ ରହିଛି ଯଥା ବିଜ୍ଞାପନର ସଙ୍କଟ, କର୍ମଚାରୀ ଅଭାବ ଏବଂ ଶ୍ରୋତାଙ୍କ ସଂଖ୍ୟା ହ୍ରାସ। ଆଗାମୀ ଦିନରେ ଏହି ପ୍ରତିବନ୍ଧକ ଉପରେ ଯଦି କିଛି ଆଖି ଦୃଶୀଆ ଉନ୍ନତି ଆସନ୍ତା ତେବେ ଗଣ ଯୋଗାଯୋଗ କ୍ଷେତ୍ରରେ ଗୋଷ୍ଠୀ ବେତାର ଏକ ଦୃଢ଼ ମାଇଲଖୁଣ୍ଟ ସ୍ଥାପନ କରନ୍ତା ।

ସାମୟିକ ଉଦଘୋଷକ,
ଆକାଶବାଣୀ ଜୟପୁର,
କୋରାପୁଟ
ମୋ: ୬୩୭୧୫୫୫୯୪୦

କବିତା କୋଣାର୍କ

## ଟାଇଁ ଟାଇଁ ଖରା

ଜଗନ୍ନାଥ ନାୟକ



ଟାଇଁ ଟାଇଁ ଖରା ଦେହକୁ ଲାଗଇ
ମୁଣ୍ଡ କରେ ଝାଇଁଝାଇଁ,
ଡହ ଡ଼ହ ଖରା ବେଳରେ ଚାଲିଲେ
ପାଦ ଲାଗେ ଚାଇଁଚାଇଁ ।
ଗମ ଗମ ବହେ ଝାଳ ଦେହ ସାରା
ଶୁଖିଗଲେ ଲୁଣିଲୁଣି,
ସୁଲୁସୁଲୁ ବାଆ ନ ବହିଲେ ଯାଇ
ମୁଣ୍ଡ ହୁଏ ଟିଣିଟିଣି ।
ହାତେ ଧରି ଛତା ପାଦରେ ଚପଲ
କଳା ଚଷମା ଆଖିରେ,
ଓଦା ଗାମୁଛାକୁ ମଥାରେ ଥୋଇବ
ପାଣି ବୋତଲ ପାଖରେ ।
ଫୁଟି ତରଭୁଜ ତା'ସହ କାକୁଡ଼ି
ଲେମ୍ବୁ ସରବତ ପିଅ,
ଅଂଶୁଘାତ ଭୟ ନ ଥିବ ଆଉ ତ
ଯେତେ ବାଟ ଚାଲୁ ଥାଅ ।
ଘୋଳ ଦହି ସହ ତୋରାଣିକୁ ପିଇ
ପଖାଳ ଖାଇବା ମଜା,
ଜଳୀୟ ଅଂଶ ତ କମିବନି ଦେହୁ
ସତେ ଅବା ତୁମେ ରଜା ।
ଗଛ ଛାଇ ତଳେ ବସିବ ଘଡିଏ
ଝାଳ ମାରିଦେବା ପାଇଁ,
ଧୀରେଧୀରେ ସିନା ଆନନ୍ଦ ମନରେ
ଘରକୁ ପାରିବ ଯାଇ ।

ରାଜ୍ୟ ପୁରସ୍କାର ପ୍ରାପ୍ତ
ସେବାନିବୃତ୍ତ ପ୍ରଧାନଶିକ୍ଷକ
ସରିଫ୍ ପୁର, ଭଗିବିନ୍ଧା,
ବାରିକପୁର ବଜାର,
ଭଦ୍ରକ -୭୫୬୧୧୨
ମୋ :୯୯୩୭୯୨୨୬୨୫

## ପ୍ରେମପ୍ରଣୟ

ସିଦ୍ଧେଶ୍ୱର ତ୍ରିପାଠୀ

ଆଇନା ଆଗରେ ତୁମ ପ୍ରତିଛବି
ତୁମକୁବି ଇର୍ଷା କରେ
ମୁଁ ତ ପ୍ରେମିକ କେମିତି ରହିବି
ତୁମଠୁ ଘଡ଼ିଏ ଦୂରେ ।

ଆସ ସୁନୟନା ହୋଇ ପ୍ରୀତିମଗ୍ନା
ତନୁମନ ଓଦା କର
ଶୁଷ୍କ ଅଧରକୁ ସିକ୍ତ କରଗୋ
ନାଗଫାସେ ମୋତେ ଧର ।

ସବୁ ଅନ୍ତର୍ଦାହ ଶୀତଳି ଯାଉଗୋ
ତୁମ ଆଲିଙ୍ଗନ ପରେ
ଆଇନା ଆଗରେ ତୁମ ପ୍ରତିଛବି
ତୁମକୁବି ଇର୍ଷା କରେ ।

ତୁମ କ୍ୱରୀର ରଜନୀ ଗନ୍ଧା ବି
ତୁମ ପାଖେ ଲାଗେ ଫିକା
ବଉଳିବା ବେଳ ତନୁର ମହକେ
ରହି ପାରେନି ମୁଁ ଏକା ।

ଯଉବନ ଜଉ ତରଳି ଯାଏ ଗୋ
କ୍ଷଣେ ତୁମ ପ୍ରତିକ୍ଷାରେ
ଆଇନା ଆଗରେ ତୁମ ପ୍ରତିଛବି
ତୁମକୁବି ଇର୍ଷା କରେ ।

## ଅର୍ଥର ମୋହ
### ଜେନା ପ୍ରଦୀପ



ଅର୍ଥର ମୋହ ମଣିଷ ଆଖିରୁ
ହଜେଇ ଦେଇଛି ନିଦ
ଅର୍ଥ ପଛରେ ଧାଇଁ ଧାଇଁ ସିନା
ମଣିଷ ସାଜିଛି ଗଧ।

ସନ୍ତୋଷ ଜମା ପାଉନି ମଣିଷ
ଯେତେ କଲେ ଉପାର୍ଜନ
ଫନ୍ଦି ଫିକର କରେ ନିରନ୍ତର
ବଢ଼ାଇବା ଲାଗି ଧନ
ଅର୍ଥର ଚିନ୍ତା ଭରିଅଛି ତାର
ଜୀବନରେ ଅବସାଦ।

ହିତାହିତ ଜ୍ଞାନ ହୋଇଯାଏ ଶୂନ୍ୟ
ଲୋଭର ଫାସରେ ପଡ଼ି
ବଢାଇ ଚାଲେ ସେ ଅଧର୍ମର ବିତ୍ତ
ସତ୍ୟର ପଥକୁ ହୁଡ଼ି
ଅର୍ଥ ତା'ପାଇଁ ଗୀତା ଭାଗବତ
ଅର୍ଥହିଁ କୋରାନ ବେଦ।

କେମିତି ମଣିଷ ଏମିତି ସଙ୍କଟୁ
ପାଇବ ମୁକ୍ତି ସତେ
ଲୋଭର କରାଳ ଫାସକୁ ଛିଣ୍ଡାଇ
ଜଗାଇ ବିବେକ ଚିତ୍ତେ
ଅର୍ଥପୂର୍ଣ୍ଣ ଏଇ ଜୀବନକୁ ବୁଝି
ଚାଖିବ ସୁଖର ସ୍ୱାଦ !

+ ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(ସିଡିଏ)
କଟକ
ମୋ - ୯୯୩୮୫୨୦୩୭୧

## ଝଡ଼
### ରଶ୍ମିରେଖା ଦାସ

ଆସ ମୋ ପାଖକୁ
ଏଇଠି ନିରବରେ ବସି କୁହ କଥା ପଦେ
ଗତ କାଲି ରାତିର ଦୁଃଖକୁ ରଖ ମୋ କାନ୍ଧରେ
ଆକାଶରୁ ଅପସରି ଗଲାଣି ପୁରୁଣା ମେଘ
କଂକ୍ରିଟର ଫାଙ୍କରୁ ଫର୍ଚ୍ଚା ଦିଶୁଛି ଆକାଶ
ନିରୀହ ନକ୍ଷତ୍ରଙ୍କ ଗାଲରେ ନାହିଁ ଟୋପେ ଲୁହ
ଖବର ଆସିଛି ଯେଣୁ ଝଡ଼ ଫେରିଯାଇଛି ନିଜ ବାଟେ ।।

ତୁମ ଦୁଃଖ ବୋହିବାକୁ ମନା କରିବିନି କେବେ
ତୁମ ଲୁହ ପରା ଏ ଓଠର ଅମୃତ
ତୁମେ ତ ଜାଣ -
ଦୁଃଖ ବୋହିବାରେ ମୁଁ କେଡେ ମାହିର
କୁହ ଏବେ କାଲି କେମିତି ଭାଙ୍ଗିଗଲା
ରଘୁ ବୁଢ଼ାର ଓଦା ମାଟି କାନ୍ଥ
କେମିତି ଜୁଆର ପାଣିରେ ଧୋଇଗଲା
କମଳାର ଅଠର ବର୍ଷର ସୁଖ
କେମିତି ଝଡ଼ ଆଁ କୁ ଚାଲିଗଲା
ସେଇ ପାନ ପତ୍ର ଭଳି ଦିଶୁଥିବା ଛୋଟ ଗାଁ ଟି
କୁହ ସବୁ
ଏ ପଥରର ସହରରେ ଆକ୍ତାମାକ୍ତା ମଣିଷଟିକୁ
ମନଭରି କାନ୍ଦିବାକୁ ଦିଅ
ଝଡ଼ପରର ଆକାଶର ସେ ଡେଣା କଟି ଯାଇଥିବା
ପକ୍ଷୀ ଗପ କୁହ
ନିଜ କଅଁଳା ପିଲାଟିକୁ ବଂଚେଇ ପାରିନଥିବା
ସେ ଧଳା ବିଲେଇର ଦୁଃଖ ଯେତେ କୁହ ।।

ପୂରୁବ ଦିଗରୁ ସୁରୁଜ ଉଇଁଲାଣି ପରା
ଏଇନେ ହିସାବ ହେବ ସରକାରଙ୍କ କରାମତି
ସାଉଁଟା ହେବ ଆତ୍ମ ପ୍ରଚାର ବାହାବାହା
ବିରୋଧୀଙ୍କ ଫମ୍ପା ଗର୍ଜନରେ ସରଗରମ ହେବ ରାଜନୀତି
କୁନି ଅପାର ଶାଗ ତୋଳା ଉଜୁଡ଼ିଯିବାର ଦୁଃଖ
ବୁଝିବାକୁ ବେଳ କାହିଁ କାହା ପାଖେ ।।

ଆସ ମୋ ପାଖକୁ ଏଇଠି ବସ
ମୋ ଆଖିକୁ ଚାହିଁ କୁହ କଥା ଯେତେ
ତୁମ ଆଖିର ଓଦାପଣ ସଂକ୍ରମିତ ହେଉ ମୋ ଶିରାରେ
ରକ୍ତରେ ଢେଉ ଭାଙ୍ଗୁ ଲୁଣିଆ ଜୁଆର
ମୁଁ ଭୋଗିବାକୁ ଚାହେଁ ଝଡ଼ର ଜୀବନ
ଭସାମେଘର ଛାୟାରେ ରଖିବାକୁ ଚାହେଁ ପାଦ
ସାରିଦେବାକୁ ଚାହେଁ ମୋ ଶେଷ ସଂଗୀତ
ସେଇ ଝଡ଼ର ପବନ ସାଙ୍ଗରେ ।।

ତୁମେ ତ ଏତେ ପାଖରୁ ଦେଖିଛ ଝଡ଼
ସତ କହିଲ
ମୋ ଦେହର ଉଦାସ ମୁହୂର୍ତ୍ତଠୁ କଣ ସେ ଝଡ ବେଶୀ ଭୟଙ୍କର
ମୋ ଦୁଇ ଆଖିରୁ କଣ ଅଧିକ ମେଘ ଥିଲା ଆକାଶରେ
ନା ଏ ମନଠୁ ଅଧିକ ଦୁଃଖ ଦେଇ ପାରିଲା ସେ ।।

ଆସ ଏଇଠି ନୀରବରେ ବସ
କୁହ କାଲି ରାତିରେ କେମିତି ଧୋଇଗଲା
ସେ ରାଜାରାଣୀର ବାଲିଘର ।।

+ ମଧୁସୂଦନ ନଗର, କଟକ

## କେମିତି କହିବି ଯେ



### ସଂଜୀବ କୁମାର ଶତପଥି

ତୁମକୁ ଦେଖିଲା ପରେ
ମୋ ପୁରୁଷ ପଣିଆ ଜାଗି ଉଠେ
ସତ ସିଂହର ବଳ ଗୋଟାଏ
ନିଜକୁ ଅଘୋଷିତ ସମ୍ରାଟ ଘୋଷଣା କରେ ।

କେମିତି ମୁଁ କହନ୍ତି ଯେ
ତମ ଦେହଟାକୁ ବର୍ଯ୍ୟବସ୍ତୁ ଭାବି
ଟେକି ଦେଇ ଥିଲି କୌରବ ହାତରେ
ଆଉ ମୁଁ ଶ୍ରୀହୀନ ହୋଇଥିଲି
ତମ ଅଭିଶାପରେ ସିନା କୁରୁବଂଶ ଧ୍ୱଂସ ହେଲା
ହେଲେ ଆଜି ମୁଁ ଅନୁତପ୍ତ ଏ ସମାଜ ଆଗରେ
ତୃତୀୟ ପାଣ୍ଡବ କାପୁରୁଷ ନିଲାମହେଲା କୁରୁ ସଭାରେ ।

କେମିତି କହିବି ଯେ ଛଳନାର ଚାରି କାନ୍ଥରେ
ସତୀ ସୀତାର ବିଦ୍ରୋହରେ ସ୍ୱର୍ଣ୍ଣମୟ ଲଙ୍କା
ଧୂଳିସାତ୍, ତଥାପି ମର୍ଯ୍ୟାଦା ପୁରୁଷ ଉତ୍ତମ
ଏଯାଏଁ ନୀରବ ସମାଜ ଆଗରେ ।

କେମିତି କହିବି ଏ ପୁରଷ କେନ୍ଦ୍ରିକ ସମାଜରେ
ନାରୀମାନଙ୍କ ଅଧିକାରକୁ ନେଇ ଚିନ୍ତା
କରୁଥିବା ଏ ସମାଜର ବଡ଼ ପଣ୍ଡା ମାନେ
ସଭା ସମିତିରେ ବଡ଼ ବଡ଼ ଭାଷଣ ଦେଇ
ନାରୀମାନଙ୍କ ଚରିତ୍ରକୁ ନେଇ ଉପସଂହାର କରନ୍ତି
ଦରକାର ପଡିଲେ ଦେହ ବଜାରରେ
ନିଲାମ କରନ୍ତି ମୋ ଭଳିଆ ପୁରୁଷ ବନ୍ଧୁ ।

ଏବେ ନାରୀ କଥା କିଏ ଶୁଣେ
ଇତିଶ୍ରୀ, ବେବିନା, ମମିତା, ସୌମ୍ୟଶ୍ରୀର ଲୁହ
ଆଜି ବି ଅପେକ୍ଷାରେ ନ୍ୟାୟର ଦ୍ୱାରେ
ଫାଇଲ ସବୁ ଅଳନ୍ଧୁ ଲାଗିଥିବ ବୋଧେ
ନ୍ୟାୟର ନିଶାପ ମାଗୁଥବା ନାରୀନେତ୍ରୀ ଗଣ ଆଜି
ଚୁପ ଗୁମସୁମ ନୀରବ ।

କେମିତି କହିବି ଯେ
ଯଦିବି ମୁଁ ରାଜନୈତିକ କ୍ଷମତାର ପରିଧିରେ
କିନ୍ତୁ ଶାସନର ଡୋରି ପୁରୁଷ ହାତରେ
କାଲି ଆଉ ଆଜିର ଫରକ ବସ୍
ସମୟର ଦୋ ଛକି ରାସ୍ତାରେ।

+କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି
ମୋ: ୮୪୫୫୦୪୧୪୦୭



## ମନରେ ଲାଗେନା ବୟସ ଦାଗ
### ବସନ୍ତ କୁମାର ପ୍ରଧାନ

ବୟସର ପାହାଚକୁ ଡେଇଁ ଡେଇଁ
ଆସଇ କୈଶୋର ଯୌବନ ଜରା
ବୟସ ଚାପରେ ଅବସ୍ଥା ବଦଳେ
ଚାଲିଥାଏ ପରିବର୍ତ୍ତନ ଧାରା ।

ଜୀବନ ଯୌବନ ନୁହେଁ ଚିରଦିନ
ବୃଥା ବଢ଼ାଇବା ଯେ ଅନୁରାଗ
ନିତ୍ୟ ନୂତନ ଅଟଇ ଯେ ମନ
ମନରେ ଲାଗେନା ବୟସ ଦାଗ ।

ଚିର ଯଉବନ ଆୟୁଷ୍ମାନ ମନ
ଅଟଇ କି ଏକ ରାଜକୁମାର
ନ ମରଇ କେବେ କାମନା ବାସନା
ଚିର ସବୁଜ ସତେଜ ସୁନ୍ଦର ।

ପରିସ୍ଥିତି ଚାପେ ଚାପି ହେଲେ ନର
ବେଳେ ବେଳେ ମନ ହୁଏ ସ୍ଥବିର
ସେ ଚଳ ଚଞ୍ଚଳ ନୁହେଁ ସୀମାବଦ୍ଧ
ଜଗତରେ ସେହି ଅଟେ ବଳିୟାର ।

ବୟସ ବିଦ୍ରୁପ କରେ ଶରୀରକୁ
କରିପାରେ ନାହିଁ କେବେ ମନକୁ
ଅସାଧ୍ୟ ସାଧନ କରିପାରେ ମନ
ଭାବାନୁସାରେ କରେ କର୍ମକୁ ।

ନାନା ଭାବ ରଙ୍ଗେ ହୁଅଇ ରଞ୍ଜିତ
ଦେଖଇ ପାରେ ସେ ନୂତନ ମାର୍ଗ
ସ୍ନେହ ପ୍ରେମ ପ୍ରତୀତିରେ ଶକ୍ତିଶାଳୀ
ମନରେ ଲାଗେନା ବୟସ ଦାଗ।

ବୟସ ବଢ଼ିଲେ ଆୟୁଷ ସରିଲେ
ମରିଯାଇ ଥାଏ ସିନା ଶରୀର
ମନ ମରେ ନାହିଁ ଅଟେ ଚିରଞ୍ଜିବୀ
ଏମିବା ଈଶ୍ୱର ପରି ଅମର।

+ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪

## ମୋ ଭଲ ପାଇବା ମୋର ହେଇ ରହିଗଲା
### ରବୀନ୍ଦ୍ର କୁମାର ପାତ୍ର

ତୁମକୁ ଭୁଲିବାକୁ ଅନେକ
ଥର ଚେଷ୍ଟା କରିଛି
ସବୁଥର ହାର ମାନିଛି,
କେତେବେଳେ ବିବେକ ତ
ଆଉ କେତେବେଳେ ହୃଦୟ
ମନା କରିଛି, ତୁମକୁ ଭୁଲିବାକୁ।
ମୋତେ ବିବେକ ପ୍ରଶ୍ନ କରିଛି
ଥରେ ନୁହେଁ ବାର ବାର
ଭୁଲ ତୁମର ନା ମୋର ଥିଲା,
ମୁଁ ନୀରବ ରହିଛି
ଆଖିରୁ ଲୁହ ଗଡେଇ
ମନକୁ ବୁଝେଇ ଦେଇଛି।

ତୁମ ଦୋଷ କେମିତି ବା ଦେବି
ତୁମକୁ ଏତେ ଭଲ ପାଏ ଯେ
ଭାଷାରେ କହି ପାରେନି
ଯାହା ଖାଲି ମୋ ଭାବନା ବୁଝିଛି
ମୋ ହୃଦୟ ଅନୁଭାବ କରିଛି।

କିନ୍ତୁ ମୁଁ ଏତେ ବଡ଼ ହତଭାଗା
ତୁମ ହୃଦୟ କୁ ଜିତି ପାରି ନାହଁ
ମୋ ଭଲ ପାଇବାକୁ ତୁମକୁ
ବୁଝେଇ ପାରିନି
କେବଳ ମୋ ଭଲ ପାଇବା
ମୋ ପାଇଁ ଆଉ ମୋର
ହେଇ ରହିଗଲା।

+ଗୁଲନଗର କେନ୍ଦ୍ରାପଡ଼ା

## ଯୁଦ୍ଧାନ୍ତର ଛାୟା
### ନୀଳାମ୍ବର ପଣ୍ଡା

ଯୁଦ୍ଧାନ୍ତରେ ସେମାନେ ପତାକା
ଉତ୍ତୋଳନ କରନ୍ତି
ଉଲ୍ଲାସର ରଙ୍ଗିନ ପର୍ଦା ତଳେ
ଅସଂଖ୍ୟ ନିରବତାର ଶୋକକୁ ଲୁଚାଇ
ଚମକୁଥିବା ସେ ରଙ୍ଗମାଳାରେ
ମନେ ହୁଏ—
କମ୍ପିଥିବା ମାଆ'ର ପାପୁଲି
ହୋଇଯିବ ଶାନ୍ତ ନିରବତାରେ।

ଢୋଲର ଧ୍ୱନି ଉଠେ—
ଆକାଶର ନୀଳ ନିର୍ଜନତାକୁ ଆଘାତ କରି,
ଧୀରେ ଧୀରେ ନୀଳ-ନୀଳିମାକୁ
ଧୂସରିତ କରେ
ପବନରେ ଭାସିଯାଏ
ବାରୁଦର ତୀବ୍ର ଗନ୍ଧ
ଓ ଅକଥିତ ବିଦାୟର
ଦୀର୍ଘ, କ୍ଲାନ୍ତ ନିଶ୍ୱାସ।

କୁହାଯାଏ—
ଯୁଦ୍ଧରେ ବିଜୟ ଜନ୍ମ ନିଏ,
ମାନଚିତ୍ରରେ ସୀମାରେଖା ସରିଯାଏ,
ମର୍ମର ମଣ୍ଡପରେ ଭାଷଣ ଗୁଞ୍ଜିଉଠେ,
ବିଜୟୀ ବକ୍ଷରେ ପଦକ
ନକ୍ଷତ୍ର ପରି ଝଲମଲ କରେ।

କିନ୍ତୁ କୁହନ୍ତୁ—
ଛିଣ୍ଡିଯାଇଥିବା ମାଆ କୋଳର ଗୀତ
କିଏ କେବେ ଫେରାଇପାରିଛି ?
ଜଳିଯାଇଥିବା ଶିଶୁର ପୁସ୍ତକର ଅକ୍ଷରକୁ
କିଏ ପୁଣି ଜୀବନର ପାଠଶାଳାରେ
ଆଲୋକରେ ଲେଖିପାରିଛି ?

ଧରିତ୍ରୀ କେବେ ଉଲ୍ଲସିତ ହୁଏନାହିଁ ଯୁଦ୍ଧରେ—
ସେ ସୀମାର ଉଭୟ ପାର୍ଶ୍ୱରୁ
ସମାନ ରକ୍ତକୁ ଆଲିଙ୍ଗନ କରେ



ତାହାର ମୃତ୍ତିକା
ନିହତମାନଙ୍କ ନାମାଙ୍କନରେ
ଆହୁରି ଗଭୀର ନିରବତାରେ ଡୁବିଯାଏ।

"ବିଜୟ"—
ଶକ୍ତିର ମଞ୍ଚରେ ଉଚ୍ଚାରିତ ଏକ ଶବ୍ଦ
କିନ୍ତୁ ଯେଉଁ ଘରେ ଦୀପ ନିଭିଯାଇଛି
ସେଠାରେ ଏହାର କୌଣସି ଅର୍ଥ ନାହିଁ—
ସେଠାରେ ରହିଯାଏ
ଅନ୍ଧାରର ଦୀର୍ଘ ନିଶ୍ୱାସ।

ଯେବେ ତୋପର ଗର୍ଜନ ଥମିଯାଏ—
କ'ଣ ବା ରହିଯାଏ ?
ନା ଗୌରବ-
ନା ଗର୍ବ—
କେବଳ ଏକ ଦୀର୍ଘ ନିର୍ଜନ ପଥ,
ଯେଉଁଠି ମାନବତା
ଇତିହାସର ଭଙ୍ଗା ଆଇନାରେ
ନିଜ ପ୍ରତିଛବିକୁ ଖୋଜୁଥାଏ।
ଶେଷରେ ସମୟ ନିରବରେ ଲେଖିଯାଏ—
ଯୁଦ୍ଧରେ କେହି ବିଜୟୀ ହୁଏନାହିଁ
ପରାଜିତ ହୁଏ ସମଗ୍ର ମାନବତା ।

+ଭୁବନେଶ୍ୱର
ମୋ: ୭୬୮୧୦୨୧୮୩୦

## ରକ୍ଷାକର ପକ୍ଷୀକୁଳ
### ରମେଶ ଚନ୍ଦ୍ର ନାୟକ



ଗାଆଁ ଗହଳିରେ ଉଭାନ ହେଲାଣି
ଝାଟିମାଟି ଚାଳଘର
ଶୁଭୁ ନାହିଁ ଆଉ କିଚିରି ମିଚିରି
ଘରଚଟିଆଙ୍କ ସୁର ।

କାନେ ପଡେ ନାହିଁ ତାଙ୍କ କଳରବ
ପ୍ରତିକୂଳ ପରିବେଶ
ପ୍ରତି କ୍ଷଣେ ଆଜି ଜଳୁଛି ଜଙ୍ଗଲ
ଗଛଲତା ହୁଏ ଧ୍ୱଂସ ।

ରାସ୍ତାଘାଟେ ଗାଡି ଛାଡେ ବିଷ ଧୂଆଁ
ପ୍ରଚଣ୍ଡ ଶବଦ ସାଥେ
ଟିକି ଚଢ଼େଇ ଯେ ସହି ପାରେ ନାହିଁ
ପ୍ରାଣ ଚାଲିଯାଏ କେତେ ।

ମାନବ ଗୋଟିକୁ ମୋବାଇଲ ଗୋଟେ
ଛାଡେ ରଶ୍ମି ଚୁମ୍ବକୀୟ
ସେଥିପାଇଁ ବୋଧେ ସଂଖ୍ୟା ହ୍ରାସ ଘଟେ
ଘଟଣା ଅଭାବନୀୟ ।

ମାନବର ଅଟେ ସେ ନିକଟତର
ଚାଷୀର ପରମ ମିତ
ପରିବେଶ ବନ୍ଧୁ ସଭିଏଁ ଜାଣନ୍ତି
ଦେଖିଦେଲେ ଲାଗେ ପ୍ରୀତ ।

ବାସହରା ସେହି ଘରଚଟିଆଟି
ବାସ ଖୋଜେ ଘର କୋଣେ
ଗ୍ରୀଷ୍ମ ଋତୁ ତାତି ଜଳେ ତା'ର ଛାତି
ପାଣି ଖୋଜେ ଏଣେତେଣେ ।

ବିଲୁପ୍ତ ପ୍ରାୟେକ ପକ୍ଷୀ ଜାତି ପାଇଁ
ଛାତରେ ଘର ଟେ ତୋଳ
ପାଣି ପାତ୍ର ରଖି ଜୀବନ ବଞ୍ଚାଅ
ରକ୍ଷାକର ପକ୍ଷୀ କୁଳ ।

+କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

## କୃପାକର ଜଗନ୍ନାଥ
### ହେମନ୍ତ କୁମାର ଗନ୍ତାୟତ



ମାଆରୁ ମଶାଣି ଜୀବନ ତରଣୀ
ଗମିଲାଣି କେତେ କାଳ
ତଥାପି ମୋ' ଆଶା ବଢାଉଛି ତୃଷା
ପାଉନାହିଁ ଥଳକୂଳ ।

ସାରକୁ ତେଜିଲି ଅସାରେ ମଜିଲି
ଖୋଜିଲି ସୁଖ ସଂସାରେ
ବିଷୟ ପାଶରେ ନିଜକୁ ବାନ୍ଧିଲି
ଚିହ୍ନିଲିନି ପ୍ରଭୁ ବାରେ ।

ଚିନ୍ତାମଣି ସାଇଁ ଚିନ୍ତନରେ ଆସ
ଚେତାଅ ଚିତ୍ତକୁ ମୋ'ର
ଚିନ୍ମୟ ସ୍ୱରୂପ ଚିତ୍ରଣ କର ହେ
ଚେତି ଉଠୁ ହୃଦଘର ।

ତୁମଠୁ ଆରମ୍ଭ ତୁମ ଠାରେ ଶେଷ
ତୁମେ ମୋ' ନିଶ୍ୱାସ ପ୍ରଭୁ
ତୁମରି ଦୟାରେ ଜଗତେ ବଞ୍ଚିଛି
ତୁମବିନା ଦୀନ ବିଭୁ ।

ଥରେ କର କୃପା ନାଥ ଜଗନ୍ନାଥ
ହେମନ୍ତ କରଇ ଅଳି
ତୁମରି ଶ୍ରୀମୁଖ ଦେଖୁଥିବି ସଦା
ପୂର୍ଣ୍ଣକର ଦାସ ଥାଳି।

+ଖମ୍ବେଶ୍ୱରୀ ପାଟଣା
ଆସିକା, ଗଞ୍ଜାମ
ମୋ: ୯୮୬୧୩୩୪୮୬୮

## ସୁବିଚାର...
### ନଗେନ୍ଦ୍ର ନାଥ ପଟ୍ଟନାୟକ

ଆନ ପ୍ରତି ସଦା ଭଲଭାବ ଥିଲେ
ଜିଣିବା ସବୁରି ହୃଦ
କୁଭାବନା ଯଦି ଥିବ କା' ମନରେ
ସମ୍ପର୍କେ ଆସିବ ଛେଦ ।

ତନୁ-ମନ ପାଇଁ ସୁଚିନ୍ତା ବିଚାର
ସଦାକାଳେ ସାଧେ ହିତ
ମନୁ ହଟିଯାଏ ବଇରି ଭାବନା
ମିଳିଯାନ୍ତି କେତେ ମିତ ।

ଚାପ ଉତ୍ତେଜନା ଉଦ୍ ବେଗ ଭାବନା
ଜଲଦି ହୁଅଇ ଶାନ୍ତ
ହାଲକା ହୁଅଇ ମନଟା ଆମର
ବିକ୍ଷେପ ହୁଏନା ଚିତ୍ତ ।

ବିଷମ ହେଲେ ବି ପରିସ୍ଥିତି ଯେତେ
ପଛଘୁଞ୍ଚା ଦେବା ନାଇଁ
ସାମନା କରିବା ବୀର ଦରପରେ
ସୁବିଚାର ଭାବ ନେଇ ।

ସଦଭାବନା ଯଦି ଥିବ ଆମଠାରେ
ଡରିବାନି କେବେ ଜମା
କେତେ ରୋଗବ୍ୟାଧି ଡେଇଁ ପଳେଇବେ
ମାଡିବେନି ଦେହ-ସୀମା ।

+ଓଙ୍କାର ସିଟି, ଲେନ ନଂ ୯,
ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

## ଲେଖୁଛି ଅଳପ ଭାବୁଛି ବେଶି
### ବେଣୁଧର ସୂତାର

କେତେ ଭାବ କେତେ ଭାବନା ଲହରି
ମନତଳେ ତୋଳେ ଚିତ୍ର ମଧୁର
ମୁଗ୍ଧ ଆବେଗରେ ଶବ୍ଦର ଝଙ୍କାରେ
ହୃଦ ତୀରେ ଝରେ କବିତା ସୁର
ମଧୁ ମାଦକତା ଏମନେ ଜାଗେ
ବାଣୀ ବିନୋଦିନୀ ପ୍ରଜ୍ଞାମୟୀ ପାଦେ
ମମତାର ମଧୁ ଆଶିଷ ମାଗେ।

ଶବ୍ଦ ବାଟିକାର ପାରିଜାତ କୁଞ୍ଜେ
ମଞ୍ଜୁଳ ସ୍ୱପ୍ନରେ ଭିଜାଏ ଆଶା
ସୁଷମା ପୂରିତ ଚାରୁ ରୂପ କଳ୍ପ
ମାଧୁର୍ଯ୍ୟ ବୋଳା ଏ ଲଳିତ ଭାଷା
ଭାବ ଉନ୍ମାଦର ମୂର୍ଚ୍ଛନାତୋଳେ
ଭାସିଯାଏ ମନ ଭାବର ସ୍ରୋତରେ
ଶବ୍ଦ ପୀୟୂଷର ତରଙ୍ଗ ମାଳେ ।

ଅନୁଭବରଏ ମୁଗ୍ଧ ସମ୍ମୋହନେ
ଉଚ୍ଛୁଳି ଉଠଇ ହୃଦ ସରସୀ
ସପନ ପଖଳା କଳ୍ପନା ନୟନେ
ଭାବ ସୁଧା ମଧୁ ଦିଏ ପରଶି
ଭବନାରେ ଭିଜେ ଦିବସ ନିଶି
ଅଭାବ ବୋଧରେ ଅମାନିଆ ମନ
ଲେଖୁଛି ଅଳପ ଭାବୁଛି ବେଶି।

ହୃଦୟ ତନ୍ତ୍ରୀର ପ୍ରତି ସ୍ପନ୍ଦନରେ
ନବ ଉନ୍ମେଷର ଭାବ ହିଁ ତୁମେ
ତୁମେ ଅନ୍ତଃସ୍ୱର ତନ୍ମୟ ଝଙ୍କାର
ବିଦଗ୍ଧ ଏ ମୋର ଅନ୍ତର ଭୂମେ
ଚିର ଉଦ୍ଭାସିତ କାବ୍ୟ ନାୟିକା
ସାରସ୍ୱତ ତୀରେ ମଗ୍ନ ତପସ୍ୱୀ ମୁଁ
ତୁମେ ମନ ମରୁଦ୍ୟାନ ମଲ୍ଲୀକା।



ଆତ୍ମୀୟତା ପଣେ ତୁମେ ଆସୁଅଛ
ଭାବ ଅନ୍ତରାଳେ ଲେଖନୀ ଧାରେ
ଭିଜା ଅନୁରାଗେ ପ୍ରଜ୍ଞାର ଆବେଗେ
ମୂର୍ଚ୍ଛନା ତୋଳୁଛ ହୃଦୟ ତୀରେ
ଆତ୍ମ ବିଭୋରେ ମୁଁ ଚଳାଏ ମସୀ
ଶବ୍ଦର କଲ୍ଲୋଳେ ଭାଷା ଶତଦଳେ
ଲେଖୁଛି ଅଳପ ଭାବୁଛି ବେଶି।

+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ବୈଶାଖ ଛୁଇଁଲା ଧରା
### ପବିତ୍ର କୁମାର ସାହୁ

ନାଲି କୃଷ୍ଣଚୂଡ଼ା ରଙ୍ଗ ମାଖି ହୋଇ
ବୈଶାଖ ଛୁଇଁଲା ଧରା ।
ଧୋବ ଫରଫର ମଲ୍ଲୀ ଫୁଲ ହସି
ଚାହିଁଲାଣି ଦେଖି ଖରା ।
ପ୍ରଚଣ୍ଡ ତାପରେ ନଦନଦୀ ସବୁ
ଫାଟି ଶୁଖି ଆସିଲାଣି ।
ବୃକ୍ଷର ପଲ୍ଲବ ରୂପହୀନ ହୋଇ
ଧରାରେ ଲୋଟିଗଲାଣି ।
ବୈଶାଖର ଝାଞ୍ଜି ପବନ ସାଥିରେ
ଆଣିଛି ଚଇତି ପର୍ବ।
ରାମ ମହାବୀର ଜନମ ଉତ୍ସବ
ପ୍ରତି ଓଡ଼ିଆଙ୍କ ଗର୍ବ ।
ଆସ ଶୂଦ୍ର ବୈଶ୍ୟ କ୍ଷତ୍ରିୟ ବ୍ରାହ୍ମଣ
ବୈଶାଖୀ ପର୍ବ ପାଳିବା ।
ସ୍ନେହ ପ୍ରେମ ତ୍ୟାଗ ବନ୍ଧୁତ୍ୱ ସୂତ୍ରରେ
ପ୍ରୀତିରଙ୍ଗ ଭରିଦେବା।
ଆମର ସଂସ୍କୃତି ବିଷୁବ ସଂକ୍ରାନ୍ତି
ଭାଇଚାରା ଭାବ ଧରି।
ଓଡ଼ିଆଙ୍କ ମନୁ ରାଗ ହିଂସା ନାଶି
ଢାଳି ଦିଏ ପ୍ରେମ ବାରି ।
ତୁଳସୀ ଚଉଁରା ଉପରେ ଠେକିକି
ଜାମୁଡାଳ ସହ ବାନ୍ଧି।
ପ୍ରତିଦିନ ଆମେ ଜଳ ଢାଳୁଥିବା
ହୃଦୟେ ଭକତି ଛନ୍ଦି ।
ଆସ ହେ ତରୁଣ ତରୁଣୀ ବାଳିକା
ବୃଦ୍ଧବୃଦ୍ଧା ସବୁ ଯେତେ।
ସ୍ୱାଗତ କରିବା ବୈଶାଖ ଅତିଥି
ପୁଷ୍ପହାର ଧରି ହସ୍ତେ ।

+ସଂସ୍କୃତ ଶିକ୍ଷକ,
ଅତାସାହି, ଆନନ୍ଦପୁର, କେନ୍ଦୁଝର
ମୋ: ୯୭୭୭୫୬୦୯୨୧

# ଅବସରପ୍ରାପ୍ତ ଶିକ୍ଷାବିତ୍ ଚିନ୍ମୟ କୁମାର ମହାପାତ୍ରଙ୍କୁ ଭାବବିହ୍ୱଳ ସମ୍ବର୍ଦ୍ଧନା

ଝାରସୁଗୁଡ଼ା, ୦୬/୪ (ନି.ପ୍ର): ଝାରସୁଗୁଡ଼ା ଡିଏଭି ପରିବାର ତରଫରୁ ଅବସରପ୍ରାପ୍ତ ଅଧକ୍ଷ ତଥା ପ୍ରଖ୍ୟାତ ଶିକ୍ଷାବିତ ଚିନ୍ମୟ କୁମାର ମହାପାତ୍ରଙ୍କୁ ଏକ ଗମ୍ଭୀର ଏବଂ ଭାବବିହ୍ୱଳ ପରିବେଶରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସ୍ଥାପନା କାଳରୁ ନିରନ୍ତର ଭାବେ ସଂସ୍ଥା ସହ ଅଖଣ୍ଡ ଭାବରେ ଜଡ଼ିତ ଥିବା ଶ୍ରୀ ମହାପାତ୍ରଙ୍କ ଅସାମାନ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା ଓ ସଭାରେ ଶ୍ରୀ ମହାପାତ୍ରଙ୍କ ଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଶିକ୍ଷା ପ୍ରତି ନିଷ୍ଠା ଓ ସଂସ୍ଥାର ସମଗ୍ର ଉନ୍ନତି ପାଇଁ ତାଙ୍କର ଅବିରତ ପ୍ରୟାସକୁ ସମସ୍ତେ ଉଚ୍ଚ ସ୍ୱରରେ ପ୍ରଶଂସା କରିବା ସହ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ସଂଗଠନ କ୍ଷମତା ଡିଏଭି ଝାରସୁଗୁଡ଼ାକୁ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ପରିଚିତ କରାଇବାରେ ଏକ ମୁଖ୍ୟ ସ୍ରୋତ ଥିଲା ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ତରଫରୁ ଶ୍ରୀ ମହାପାତ୍ରଙ୍କ ସମ୍ମାନାର୍ଥେ ଉତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ମହାପାତ୍ର ପୂର୍ବରୁ ପୁରୀ ଡିଏଭି, ବ୍ରଜରାଜନଗର ଇବ ଭ୍ୟାଲି ଡିଏଭି ଓ ବ୍ରଜରାଜନଗର ସମଲେଶ୍ୱରୀ ଖୋଲା ଖଣି ପ୍ରକଳ୍ପ ଡିଏଭିରେ ଅଧକ୍ଷ ଭାବରେ କାର ?ୟ କରି ପରିଶେଷରେ କାର୍ଯ୍ୟରୁ ଅବସର ନେଇଛନ୍ତି । ସମ୍ବର୍ଦ୍ଧନା ସଭାରେ ଶ୍ରୀ ମହାପାତ୍ର ଡିଏଭି ପରିବାର ପ୍ରତି ତାଙ୍କର ଗଭୀର କୃତଜ୍ଞତା ଜଣାଇବା ସହ ବିଦ୍ୟାଳୟ ସହିତ ଜଡ଼ିତ ନିଜ ଦୀର୍ଘ ଯାତ୍ରାର ଅନୁଭବମାନଙ୍କୁ ସ୍ମୃତିମୟ ଶୈଳୀରେ ଉପସ୍ଥାପନ କରିଥିଲେ ଏବଂ ଝାରସୁଗୁଡ଼ା ଡିଏଭିର ସ୍ୱର୍ଣ୍ଣିମ ଇତିହାସ ଦୋହାରାଇବା ସହିତ ଡିଏଭି ପରିବାର ପ୍ରତି ତାଙ୍କର ଏହି ସମ୍ପର୍କ ସଦା ସ୍ନେହ, ଶ୍ରଦ୍ଧା ଓ ମୂଲ୍ୟବୋଧର ଏକ ଅବିଚ୍ଛିନ୍ନ ବନ୍ଧନ ଭାବେ ରହିବ ବୋଲି ଭାବବ୍ୟକ୍ତ କରିଥିଲେ ଓ ବିଦ୍ୟାଳୟର ଶୀର୍ଷପ୍ରଗତି କାମନା କରିଥିଲେ । ଅକ୍ଷୟ ପାଣି, ଆଶିଷ ପୂଜାରୀ, ନୀଳିମା ପଟେଲ, ସୁମନ୍ତ ବେହେରା, ବିଜୟ ଦାଶ, ଡ. ମଞ୍ଜୁଶ୍ରୀ ବେଦୁଲା, ମନିଷା ଚାନ୍ଦ, ଅଲେଖ ବିହାରୀ ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ ।

# ଜାତୀୟ ବିଦ୍ୟାଳୟସ୍ତରୀୟ ରଗ୍‌ବୀ ଚାମ୍ପିଅନସିପ ୨୦୨୫-୨୬ ଆୟୋଜିତ

ଭୁବନେଶ୍ୱର, ୦୬/୪ (ନି.ପ୍ର): ଓଡ଼ିଶାରେ ଆୟୋଜିତ ହେଉଛି ୬୯ ତମ ଜାତୀୟ ବିଦ୍ୟାଳୟ ସମୂହ (ଏସଜିଏଫଆଇ) ୧୭ ବର୍ଷ ଓ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ଖେଳାଳୀମାନଙ୍କୁ ନେଇ ଜାତୀୟ ବିଦ୍ୟାଳୟସ୍ତରୀୟ ରଗବୀ ଚାମ୍ପିଅନସିପ ୨୦୨୫-୨୬ । ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ବିଭିନ୍ନ ରାଜ୍ୟର ରଗବୀ ଖେଳାଳୀଙ୍କୁ ନେଇ ଓଡ଼ିଶାରେ ଜାତୀୟସ୍ତରୀୟ ଖେଳର ଆୟୋଜନ କରାଯାଇଛି ।
ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡ଼ା ଏନ୍. ତିରୁମାଲା ନାୟକ ଯୋଗ ଦେଇଛନ୍ତି । ଏପ୍ରିଲ ୬ ଓ ୭ ତାରିଖ ରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାମାନଙ୍କୁ ନେଇ ରଗବୀ ଚାମ୍ପିଅନସିପ୍ ଆୟୋଜିତ ହେଉଥିବା ବେଳେ ଏପ୍ରିଲ ୯ ଓ ୧୦ ତାରିଖରେ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକାମାନଙ୍କୁ ନେଇ ଆୟୋଜିତ ହେବ । ଏହି ଚାମ୍ପିଅନସିପ୍ ରେ ୧୫ ଟି ରାଜ୍ୟର ଖେଳାଳୀ ଭାଗ ନେଇଛନ୍ତି ।

# ଶିକ୍ଷୟତ୍ରୀ ରଶ୍ମିରାଣୀଙ୍କୁ ନେସନ ବିଲଡର ସମ୍ମାନ

ବଲାଙ୍ଗିର, ୦୬/୪ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ କଳିଙ୍ଗ ଗୌରବ ଫାଉଣ୍ଡେସନ ଓ ଅନ୍ତର୍ଜାତିକ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ପୁଇଁନ୍ତଲା ବ୍ଲକ ଅଙ୍କରିଆପଦର ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ରଶ୍ମିରାଣୀ ଦାଶଙ୍କୁ ରାଜ୍ୟସ୍ତରୀୟ ନେସନ ବିଲଡର ସମ୍ମାନରେ ସମ୍ମାନୀତ କରାଯାଇଛି । ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ, ସମାଜ ପ୍ରତି ତ୍ୟାଗ ଓ ସମର୍ପଣ ଭାବ, ପ୍ରାଥମିକ ଚିକିତ୍ସା ତାଲିମଦାତା, ସଡକ ସୁରକ୍ଷା ଅଭିଯାନର ରାଜ୍ୟସ୍ତରୀୟ ରକ୍ଷକ ମାଷ୍ଟର ଟ୍ରେନର ଓ ଶିକ୍ଷାର୍ଥୀଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ ଗର୍ଭନର ରୋଟାରୀଆନ ମନୋଜ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ରେଡକ୍ରସ, ଓଡିଶା ରାଜ୍ୟ ଶାଖାର ଅଧକ୍ଷ ମେଜର ଡ. କଳ୍ପନା ଦାସ, ଜିଲ୍ଲା ସଭାପତି ଡ. ଚିଦାମ୍ବିକା ଖୁଟୁଆ, କ୍ଲବ ସଂପାଦିକା ସୁନୀତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟରୁ ୩୦ ଜଣ ଶିକ୍ଷକ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି । ପ୍ରକାଶ ଥାଉକି ୨୦୦୩ ମସିହାରେ ଶ୍ରୀମତୀ ଦାଶ ପ୍ରଥମେ ବୌଦ୍ଧ ଜିଲ୍ଲାର ବହିରା ପ୍ରାଥମିକ ବିଦ୍ୟାଳୟରେ ପରେ ଦେଓଳି ବିଦ୍ୟାଳୟରେ ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ । ସେ ମଧ ବିଗତ ଦିନରେ ଶିକ୍ଷକତା ପାଇଁ ଜିଲ୍ଲା ସ୍ତରରେ ପୁରସ୍କୃତ ହୋଇଛନ୍ତି । ତାଙ୍କର ପ୍ରଚେଷ୍ଟାରେ ବିଦ୍ୟାଳୟ ଛାତ୍ର ଛାତ୍ରୀମାନେ ଜିଲ୍ଲା ସ୍ତରରେ ତଥା ରାଜ୍ୟ ସ୍ତରରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ନେସନ ବିଲଡର ସମ୍ମାନରେ ସମ୍ମାନିତ ହୋଇଥିବାରୁ ଶ୍ରୀମତୀ ଦାଶଙ୍କୁ ଶିକ୍ଷକ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ଉଚ୍ଚଶିକ୍ଷା କ୍ଷେତ୍ରରେ ଐତିହାସିକ ନିଷ୍ପତ୍ତି: ଗଣଶିକ୍ଷା ମନ୍ତ୍ରୀ ଅନୁସୂଚିତ ଜାତି ସଂରକ୍ଷଣ ୮%ରୁ ୧୬.୨୫%କୁ ବୃଦ୍ଧି

ଜୟପୁର, ୦୬/୪ (ନି.ପ୍ର): ପୂର୍ବ ସରକାର ଯାହା କରିପାରିଲା ନାହିଁ ତାହା ଆମ ସରକାର କରି ଦେଖାଇଛି । ଓଡ଼ିଶା ସରକାର ଉଚ୍ଚଶିକ୍ଷା, ମେଡିକାଲ୍, ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତି (ଏସ୍ସି) ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ହାର ପ୍ରାୟ ଦୁଇଗୁଣ ବୃଦ୍ଧି କରିଛନ୍ତି । ପୂର୍ବରୁ ୮ ପ୍ରତିଶତ ଥିବା ସଂରକ୍ଷଣ ଏବେ ୧୬.୨୫ ପ୍ରତିଶତକୁ ବଢ଼ାଯାଇଛି । ରାଜ୍ୟ କ୍ୟାବିନେଟ୍ ଏପ୍ରିଲ ୪ ତାରିଖ ରାତିରେ ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛି । ଏହା ସହିତ ଅନୁସୂଚିତ ଜନଜାତି (ଏସ୍ଟି) ପାଇଁ ସଂରକ୍ଷଣ ୧୨ ପ୍ରତିଶତରୁ ୨୨.୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି । ପ୍ରଥମ ଥର ପାଇଁ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ (ଏସ୍ଇବିସି/ଓବିସି) ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ମଧ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ନିଷ୍ପତିକୁ ଐତିହାସିକ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟରେ ଏସ୍ସି ଜନସଂଖ୍ୟା ୨୨ ପ୍ରତିଶତରୁ ଅଧିକ ଥିଲେ ମଧ ବୈଷୟିକ ଓ ଉଚ୍ଚଶିକ୍ଷାରେ ସଂରକ୍ଷଣ ମାତ୍ର ୧୨ ପ୍ରତିଶତ ଥିଲା । ଏହି ଅସମଞ୍ଜସତା ଦୂର କରାଯାଇଛି । ଏସ୍ସି ବର୍ଗ ପାଇଁ ମଧ ଏହା ଏକ ବଡ଼ ପଦକ୍ଷେପ ବୋଲି ସେ ଉଲ୍ଲେଖ କରିଛନ୍ତି । କୋରାପୁଟ ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ମାଛ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କୁ ଆଜି ଏୟାର ପୋର୍ଟରେ ଅନୁସୂଚିତ ଜାତି ମୋର୍ଚ୍ଚା କର୍ମକର୍ତା ମାନେ ସ୍ୱାଗତ ଜଣାଇବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ମୋର୍ଚ୍ଚା ପକ୍ଷରୁ ସମସ୍ତ ଦଳିତ ଯୁବକ-ଯୁବତୀ ଓ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । "ଦୀର୍ଘ ଦିନର ଦାବି ପରେ ଏହି ନିଷ୍ପତି ହୋଇଛି । ଏହା ଦଳିତ ସମାଜର ଶିକ୍ଷାଗତ ଉନ୍ନତିରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ । ଅନେକ ଦଳିତ ଯୁବକ-ଯୁବତୀ ଏବେ ମେଡିକାଲ୍, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଅଧିକ ସୁଯୋଗ ପାଇବେ । ଏହା ସମାଜର ସମାନତା ଓ ସମାବେଶୀ ବିକାଶର ପଥ ପ୍ରଶସ୍ତ କରିବ ।" ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ନୂତନ ସଂରକ୍ଷଣ ନୀତି ଆଗାମୀ ଶିକ୍ଷାବର୍ଷର ନାମଲେଖା ପାଇଁ ଲାଗୁ ହେବ । ଏଥିରେ ମେଡିକାଲ୍ କଲେଜ, ଇଞ୍ଜିନିୟରିଂ କଲେଜ ଓ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ରହିବେ । ଏହି ପଦକ୍ଷେପକୁ ବିଭିନ୍ନ ସାମାଜିକ ସଂଗଠନ ଓ ରାଜନୈତିକ ଦଳ ମଧ ସ୍ୱାଗତ କରିଛନ୍ତି । ଏହା ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଅଧିକ ସମାବେଶୀ ଓ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା ଗଢ଼ିବ ବୋଲି ଆଶା କରାଯାଉଛି ।

# କେନ୍ଦୁଝର ନଗର ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

କେନ୍ଦୁଝର, ୦୬/୪ (ନି.ପ୍ର): କେନ୍ଦୁଝର ସହରର ଗୁଜୁରାଟୀ ସମାଜ ଠାରେ କେନ୍ଦୁଝର ନଗର ମଣ୍ଡଳ ତରଫରୁ ୨ ଦିନିଆ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ରବିବାର ଆରମ୍ଭ ହୋଇଛି । ନଗର ମଣ୍ଡଳ ପ୍ରଶିକ୍ଷଣ ମହାଅଭିଯାନ ର ପ୍ରମୁଖ ତଥା ବରିଷ୍ଠ କାର୍ଯ୍ୟକର୍ତା ଶ୍ୟାମସୁନ୍ଦର ନାଏକ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶୁକଦେ ମହାନ୍ତ ଏବଂ ଜିଲ୍ଲା ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ, କେନ୍ଦୁଝରଗଡ଼ ପୌରପାଳିକା ର ଅଧକ୍ଷା ନିକୁ ସାହୁ, ନଗର ମଣ୍ଡଳ ପ୍ରଭାରୀ ଦିଲ୍ଲୀପ କୁମାର ପଣ୍ଡା, ବରିଷ୍ଠ ନେତ୍ରୀ କିରଣବାଳା ନାୟକ, ନଗର ମଣ୍ଡଳ ସଭାପତି ଅସିତ ନନ୍ଦନ ମହାନ୍ତି ମଂଚାସିନ ହୋଇଛି ପ୍ରଶିକ୍ଷାର୍ଥୀ ମାନଙ୍କୁ ଉଦବୋଧନ ଦେବା ସହିତ ପ୍ରଶିକ୍ଷଣ ଦେଇଥିଲେ । ଏହି ଦୁଇ ଦିନିଆ ମଣ୍ଡଳ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକର୍ତା ମାନଙ୍କୁ ବୈଚାରିକ ଅଧିଷ୍ଠାନ, ଭାରତୀୟ ଜନତା ପାର୍ଟିର ଇତିହାସ ଏବଂ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଦୃଷ୍ଟିକୋଣ, ଦଳର କାର୍ଯ୍ୟ ପଦ୍ଧତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ଏବଂ କାର ?ୟାନ୍ୱୟନ, ସାମାଜିକ ଗଣମାଧମ ଏବଂ ଏଆଇ, ନମୋ ଆପ୍, ସରଳ ଆପ୍, ବୁଥ ପରିଚାଳନା, ମନ୍ କି ବାତ୍ ବୈଠକ, ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା ।ଆସନ୍ତା ୨୦୪୭ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ରାଷ୍ଟ୍ର ଭାବରେ ଭାରତକୁ ବିଶ୍ୱରେ ଏକ ନମ୍ବର ସ୍ଥାନରେ ପହଂଚାଇବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛନ୍ତି ଏବଂ ୨୦୩୬ ରେ ଓଡ଼ିଶା ରାଜ୍ୟର ପ୍ରତିଷ୍ଠାକୁ ୧୦୦ ବର୍ଷ ପୂର୍ତି ଅବସରରେ ଓଡ଼ିଶା ରାଜ୍ୟକୁ ଦେଶର ଏକ ନମ୍ବର ରାଜ୍ୟ ଭାବେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ସଂକଳ୍ପ ନେଇଛନ୍ତି ତାହା କିଭଳି ସଫଳ ହେବ ସେଥିପାଇଁ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷତ ହୋଇ ଦେଶ ଏବଂ ରାଜ୍ୟର ବିକାଶରେ ସାମିଲ ହେବା ସହ ସେମାନଙ୍କର ଅବଦାନ ରହିବ ବୋଲି ଭାରତୀୟ ଜନତା ପାର୍ଟିର କେନ୍ଦୁଝର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଥିଲେ । ସୋମବାର ସକାଳେ କାର୍ଯ୍ୟକର୍ତା ମାନଙ୍କୁ ଯୋଗ ଶିକ୍ଷା ଦିଆଯିବ । ଏହି ମଣ୍ଡଳ ପ୍ରଶିକ୍ଷଣ ବର୍ଗରେ ମଣ୍ଡଳ ଟିମ, ଶକ୍ତି କେନ୍ଦ୍ର ପ୍ରମୁଖ,ମଣ୍ଡଳ ମୋର୍ଚ୍ଚା ଟିମ, ବୁଥ୍ ପ୍ରମୁଖ,ସକ୍ରିୟ ସଦସ୍ୟ ତଥା ଅନ୍ୟମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ ।

## ନବ ନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୦୬/୪ (ନି.ପ୍ର): କେନ୍ଦ୍ରାପଡା ଜିଲା ମୋହରିର ସଂଘ ପକ୍ଷରୁ ଜିଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସଂଘ କାର୍ଯ୍ୟ ।ଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘ ସଭାପତି ରବି ନାରାୟଣ ମହାନ୍ତି, ସମ୍ପାଦକ ନିହାର ରଂଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, କୋଷାଧକ୍ଷ ରାଜୀବ କୁମାର ପାତ୍ର, ଯୁଗ୍ମସଂପାଦକ ହରିପ୍ରସାଦ କର, ମନୋରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତାଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମୋହରିର ସଂଘର ପୂର୍ବତନ ସଭାପତି ବନମାଳୀ ଷଡଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ କୈଳାସ ଚନ୍ଦ୍ର ଜେନା, ବିଦ୍ୟାଧର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜର ବନ୍ଧୁ ମିଳନ ଉତ୍ସବ

ଜୟପୁର, ୦୬/୪ (ନି.ପ୍ର): କୋରାପୁଟ ଜିଲ୍ଲା କୋଲାବ ଅଂଚଳ ହନୁମାନ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜୟପୁର ପଲି ଶାଖାର କୋଲାବ, ବୈପାରୀଗୁଡା, ଜୟପୁର ଓ ଫାଂପୁଣି ଅଂଚଳର ପ୍ରାୟ ଷାଠିଏରୁ ଉର୍ଦ୍ଧ ଆଳୀୟ ପରିବାର ଏହି ବନ୍ଧୁ ମିଳନ ଉତ୍ସବରେ ଏକତ୍ରିତ ହୋଇଥିଲେ । ଏହି ବନ୍ଧୁ ମିଳନ ଉତ୍ସବଟିର ସଭାପତି ସିମାଚଂଳ ନାହାକଙ୍କ ଅଧକ୍ଷତାରେ ଦୀର୍ଘ ବର୍ଷ ହେବ ନିରନ୍ତର ଭାବେ ପାଳିତ ହୋଇ ଆସୁଅଛି । ଉତ୍ସବଟିର ଆରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ନାମ ସ୍ମରଣ ସହ କୁଳ ଗଙ୍ଗାଙ୍କ ପୂଜା ଓ ପାରମ୍ପରିକ ଆଚାର ବିଧି ମାଧମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ପରେ ସମାଜର ସଦସ୍ୟ ବନ୍ଧୁ ମାନେ ବହୁ ସଂଖ୍ୟାରେ ଯୋଗଦେଇ ପରସ୍ପର ମଧରେ ସମ୍ପର୍କ ଓ ପରିଚୟ ପ୍ରଦାନ କରି ସମ୍ପ୍ରତି ବୃଦ୍ଧି କରିଥିଲେ । ସମାଜର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ନାରୀ ଶିକ୍ଷାର ପ୍ରଚାର, ସଚେତନତା ବୃଦ୍ଧି, ଯୁବ ପିଢ଼ିଙ୍କୁ ସଠିକ୍ ଦିଗରେ ପ୍ରେରିତ କରିବା, ଅନ୍ଧବିଶ୍ୱାସ ଓ କୁ-ସଂସ୍କାର ଦୂର କରି ସାମାଜିକ ସଚେତନତା ବଢ଼େଇବା ସହିତ ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଘଟଣା ସମୟରେ ସମାଜର ଅସହାୟ ଓ ବିପନ୍ନ ଲୋକଙ୍କୁ ସହାୟତା କରିବା ଇତ୍ୟାଦି ସମାଜର ପ୍ରମୁଖ ଲକ୍ଷ୍ୟ ବୋଲି ବିସ୍ତୃତ ଆଲୋଚନା କରାଯାଇଥିଲା । ଏହିପରି ବନ୍ଧୁ ମିଳନ ମାଧମରେ ସମାଜରେ ଏକତା, ଭାଇ ଚାରା ଓ ସହଯୋଗୀତାର ଭାବନା ଅଧିକ ସୁଦୃଢ ହୋଇଥିବା କଥା, ସଭାପତି ସିମାଚଂଳ ନାହାକ ପ୍ରକାଶ କରିଥିଲେ । ଉକ୍ତ ବନ୍ଧୁ ମିଳନ ଉତ୍ସବଟିର ଯୋଜନା ଓ ସଫଳ ଆୟୋଜନରେ ସମ୍ପାଦକ କାହ୍ନୁ ଚରଣ ନାହାକ, ଉପସଭାପତି, ଦୀନବନ୍ଧୁ ରାଉତ, କୋଷାଧକ୍ଷ ମହେଶ୍ୱର ମହାନ୍ତି, ବିଜୟ କୁମାର ନାହାକ, ତରଣୀ ପ୍ରଧାନ, ରାମଚନ୍ଦ୍ର ବେହେରା, ସୌରା ଲେଙ୍କା ଓ ସିମାଚଂଳ ନାହାକ ଓ ଭଗବାନ ସ୍ୱାଇଁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜଙ୍ଗଲରେ ବନାଗ୍ନି ରୋକିବା ପାଇଁ ଅଂଟା ଭିଡ଼ିଲେ ମହିଳା

ଜୟପୁର, ୦୬/୪ (ନି.ପ୍ର): ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା' ଆହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଲୋଗାନ, ଏହି କଥାକୁ ଅତି ନିକଟରୁ ହୃଦୟଙ୍ଗମ କରିଛନ୍ତି ଉପାନ୍ତ ଅଂଚଳର ଲୋକେ । ସେମାନେ ଜଙ୍ଗଲ ସଂରକ୍ଷଣର ଆବଶ୍ୟକତାକୁ ବୁଝିଛନ୍ତି କ୍ଷ ଜଙ୍ଗଲ ହେଉଛି ପ୍ରାକୃତିକ ସମ୍ପଦ, ଯାହା ଆମକୁ ଶୁଦ୍ଧ ବାୟୁ, ପାଣି, ଖାଦ୍ୟ ଏବଂ ଔଷଧ ଯୋଗାଇଥାଏ । ଏଣୁ ଜଙ୍ଗଲରେ ବନାଗ୍ନି ରୋକିବା ପାଇଁ ଅଂଟା ଭିଡ଼ିଛନ୍ତି । କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ବନାଂଚଳ ଅନ୍ତର୍ଗତ ରାମଗିରି ପଂଚାୟତ କୁମ୍ଭୀଖରୀ ଗାଁ ରେ ଏଭଳି କିଛି ଦେଖିବାକୁ ମିଳିଛି ।
କୁମ୍ଭୀଖରୀ ଗାଁର ପ୍ରତ୍ୟେକ ମହିଳା ପୁରୁଷ ମାନେ ପାଳିକରି ଜଙ୍ଗଲ ଜଗୁଛନ୍ତି । ପୂର୍ବରୁ ଏହି ଗାଁ କୁ ଲାଗି ରହିଥିବା ଜଙ୍ଗଲ କାଠ ମାଫିଆଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ବର୍ତମାନ କିନ୍ତୁ ଗାଁ ଲୋକେ ସଚେତନ । ଗାଁର ପାଟଦେଇ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ନେଇ ବନ ସୁରକ୍ଷା ସମିତି ଗଠନ ହୋଇଛି । ଗାଁର ଚତୁର୍ଦ୍ଦିଗରେ ରହିଛି ସଂରକ୍ଷିତ ଜଙ୍ଗଲ । ପାଳି କରି ମହିଳା ପୁରୁଷ ଜଙ୍ଗଲର ଦାୟିତ୍ୱ ଓ ଯତ୍ନ ନେଇ ଆସୁଛନ୍ତି । ବନ ସୁରକ୍ଷା ସମିତିର ସଦସ୍ୟଙ୍କ ଅକ୍ଳାନ୍ତ ପରିଶ୍ରମରୁ ପାଖାପାଖି ପାଂଚ କିଲୋମିଟର ପରିଧି ମଧରେ ୫୦ ହେକ୍ଟରରୁ ଅଧିକ ପଥରୁଆ ଜମି ଜଙ୍ଗଲ ସୁରକ୍ଷିତ ହୋଇଛି । କାଠ ମାଫିଆଙ୍କ ଦ୍ୱାରା ଜଙ୍ଗଲ ସମ୍ପୂର୍ଣ୍ଣ ନଷ୍ଟ ହେବା ପରେ ବନବିଭାଗ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଚାରା ରୋପଣ କରାଗଲା । ଆଉ ଏ ହେଉଛି ତାହାର ବାସ୍ତବ ଦୃଶ୍ୟ । ବନ ସୁରକ୍ଷା ସମିତି ଗଠନ କରି କୁମ୍ଭୀଖାରି ଗାଁ ଲୋକେ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଏବେ ନିଜ ହାତକୁ ନେଇଛନ୍ତି । ବିଶେଷ କରି ଏବେ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ପ୍ରତି ଯଥେଷ୍ଟ ଆଶଙ୍କା ରହିଥାଏ । ତେଣୁ ଗାଁ ଲୋକେ ପ୍ରତିଦିନ ପାଳିକରି ଜଙ୍ଗଲ ଜଗି ଆସୁଛନ୍ତି । ଦିନସାରା ଜଙ୍ଗଲରୁ ଫାୟର୍ ଲାଇନ କାଟନ୍ତି । ତାସହ ଲୋକଙ୍କୁ ନିଆଁ ଲିଭାଇବା ପାଇଁ ସଚେତନ କରାଇଥାନ୍ତି । ମହିଳା ମାନେ ହାତରେ କାଠ ଧରି ପାଳି କରି ଜଙ୍ଗଲ ଜଗୁଥିବାରୁ ଜଙ୍ଗଲରୁ କାଠ ଚୋରି ମଧ ବନ୍ଦ ହୋଇଯାଇଛି । ବନ ସୁରକ୍ଷା ସମତି ସଭାପତି ସାଧୁ ଚରଣ ସିଶାଙ୍କ କହିବା ଅନୁଯାଇ, ଜଙ୍ଗଲ ହେଉଛି ବନ୍ୟପ୍ରାଣୀଙ୍କ ବାସସ୍ଥଳୀ, ତାହାର ସୁରକ୍ଷା ନକଲେ ଜୀବଜନ୍ତୁ ଗାଁ ମୁହାଁ ହେବେ । ଫଳରେ ଗାଁ ଲୋକେ ମଧ ହଇରାଣ ହେବେ । ଗଛ କାଟିବା ଏବଂ ଜଙ୍ଗଲ ଜଳାଇବା ଭବିଷ୍ୟତ ପାଇଁ ବିପଜ୍ଜନକ, ତେଣୁ ଏହା ବିରୁଦ୍ଧରେ ସଚେତନତା ଆବଶ୍ୟକ । ଜଙ୍ଗଲ ବଂଚିଲେ ହିଁ ଆମେ ବଂଚିଥିବୁ । ସେହିପରି ପାତାଲଦେଇ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସଭାପତି ବୃନ୍ଦା ବତୀ ସିଶାଙ୍କ କହିବା ଅନୁଯାଇ, ଆମେ ଆଦିବାସୀ , ଜଙ୍ଗଲ ଉପରେ ନିର୍ଭରଶୀଳ । ଜଙ୍ଗଲରୁ ଖାଦ୍ୟ, କାଠ, ପତ୍ର, ଜଙ୍ଗଲଜାତ ଫଳ, ଫୁଲ, ମହୁ, ଝୁଣା ଓ ସେମାନଙ୍କ ଗୃହପାଳିତ ପଶୁମାନଙ୍କ ପାଇଁ ଚାରା ଇତ୍ୟାଦି ସଂଗ୍ରହ କରି ନିଜର ଜୀବିକା ନିର୍ବାହ କରୁଛୁ । ଘର ତିଆରି ପାଇଁ ଦରକାର ପ୍ରାୟ ସମସ୍ତ ଉପାଦାନ ମଧ ଜଙ୍ଗଲରୁ ସଂଗ୍ରହ କରୁଛୁ ଏଣୁ ଆମେ କୋଦପି ଜଙ୍ଗଲ ନଷ୍ଟ ହେବାକୁ ଦେବୁ ନାହିଁ । ଏନେଇ ଗୁପ୍ତେଶ୍ୱର ବନାଂଚଳ ଅଧିକାରୀ ଛବିନ୍ଦ୍ର ରନ୍ଧାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବନ ବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରାଯାଉଛି । ଆଜି କାଲି ଖରା ଦିନ ଗାଁ ଲୋକେ ନିଜ ଜଙ୍ଗଲ କୁ ନିଜେ ସୁରକ୍ଷା ଦେଉଛନ୍ତି । ଜଙ୍ଗଲ ସୁରକ୍ଷା କରିବା କେବଳ ଯେ ନିର୍ଦ୍ଦିଷ୍ଟ ଲୋକଙ୍କ ଉପରେ ନିର୍ଭର ନ କରି ଆମ ସମସ୍ତଙ୍କର ଦାୟିତ୍ୱ ନେବା ଜରୁରୀ, ଯାହା ଦ୍ୱାରା ଆମେ ଏବଂ ଆମର ଭବିଷ୍ୟତ ପିଢ଼ି ସୁସ୍ଥ ଜୀବନ ବଂଚିପାରିବ ।

# ଡଃ. ବିରଜା ରାଉତରାୟଙ୍କ କବିତା ପୁସ୍ତକ 'ଚୁନାଫୁଲ ତାରାଫୁଲ' ଉନ୍ମୋଚିତ

କେନ୍ଦ୍ରାପଡା, ୦୬/୪ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପୁନର୍ବାସ ପରିସରରେ ଡଃ. ବିରଜା ରାଉତରାୟଙ୍କ କବିତା ପୁସ୍ତକ ବହୁ ସୁନାମ ଧନ୍ୟ କବି, ଗାଳ୍ପିକ, ପ୍ରାବନ୍ଧିକ, ଗବେଷକଙ୍କ କରତାଳିରେ ପାଠକାର୍ପଣ ହୋଇଯାଇଛି । ବିଶିଷ୍ଟ କଥାକାର ଡଃ. ବିରଜା ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନାମ ଧନ୍ୟ ଗାଳ୍ପିକା ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାନ୍ତି, ସମ୍ମାନୀତ ଅତିଥି ଭାବେ ସତୀର୍ଥର ସଭାପତି ମନ୍ମଥ ନାଥ ବରାଳ, ବିଜେବି କଲେଜର ଅଧାପକ ଡଃ. ବିନାୟକ ପ୍ରଧାନ ଯୋଗଦେଇ ଡଃ. ବିରଜା ରାଉତରାୟଙ୍କ ବହୁ ପ୍ରତିକ୍ଷୀତ କବିତା ପୁସ୍ତକ ' ଚୁନା ଫୁଲ ତାରା ଫୁଲ' ଟିକୁ ପାଠକାର୍ପଣ କରିଥିଲେ । ଡଃ. ବିନାୟକ ପ୍ରଧାନ ଏହି ପୁସ୍ତକର ପ୍ରତିଟି ଦିଗ ବିଷୟରେ ଆଲୋଚନା କରି ପ୍ରତି କବିତା ଗୁଡିକ ପାଠକମାନଙ୍କର ମନକୁ ଛୁଇଁବା ସହିତ ନୂତନ ବାର୍ତା ଦେବ ବୋଲି କହିଥିଲେ । ଡଃ. ରାଉତରାୟ ପୁସ୍ତକର କିଛି ପଂକ୍ତିକୁ ପାଠକରି ପୁସ୍ତକର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅତିଥି ମାନେ ଏହି ପୁସ୍ତକଟି ଅତ୍ୟନ୍ତ ଚିତାକର୍ଷକ, ହୃଦୟସ୍ପର୍ଶୀ, ସୁନ୍ଦର୍ ଅନୁଭବର ବାର୍ତା ବହନ କରିବ ବୋଲି ପ୍ରକାଶ କରିଥିଲେ । ଉପସ୍ଥିତ ସମସ୍ତ କବି ମାନେ ଏହି ପୁସ୍ତକର ଗୋଟି ଗୋଟି କବିତା ଆବୃତି କରିଥିଲେ । ଏହା କିଛି ସମୟ ପାଇଁ ସମସ୍ତଙ୍କୁ କବିତାମୟ ଓ ଭାବ ଗମ୍ଭୀର କରି ଦେଇଥିଲା ।
ଏହି କାର୍ଯ୍ୟକ୍ରମରେ ଡଃ. ସର୍ବେଶ୍ୱର ସେଣ, ନିରଞ୍ଜନ ମେକାପ, ଅଧାପକ ବୃନ୍ଦାବନ ଦାସ, ତ୍ରିଲୋଚନ ପ୍ରଧାନ, ସୁକାନ୍ତ ପ୍ରଧାନ, ଡଃ. ଗିରିଜାକାନ୍ତ ଦାସ, ପବିତ୍ର ମୋହନ ସାହୁ, କବି ଶୁଭାଂଶୁ କୁମାର୍ ଦାସ, ନୃସିଂହ ତ୍ରିପାଠୀ, ବଂଶୀଧର ମହାନ୍ତି ଅତିଥି ପରିଚୟ ଓ ପ୍ରାଧାପକ ଡଃ. ଯତିନ୍ଦ୍ର ରାଉତ୍ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଓଡ଼ିଆ ଅସ୍ମିତା ପାଇଁ ଦୌଡ଼: ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ମାରାଥନ' ଅନୁଷ୍ଠିତ

ଭୁବନେଶ୍ୱର, ୦୬/୪ (ନି.ପ୍ର): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଓଡ଼ିଆ ପକ୍ଷ' ଅବସରରେ ପଂଚମ ଦିବସରେ ଆଜି ରାଜଧାନୀର ଐତିହାସିକ ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ଗଣଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳ ୫:୩୦ ମିନିଟରେ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏହି ଦୌଡ଼ର ଶୁଭାରମ୍ଭ ହୋଇଥିଲା ।
ଏହି ପବିତ୍ର ମୁକ୍ତେଶ୍ୱର ମନ୍ଦିର ପୀଠରୁ ବାହାରି ଐତିହ୍ୟ ଗଣଦୌଡ଼ ରାମେଶ୍ୱର ମନ୍ଦିର, ବିବେକାନନ୍ଦ ମାର୍ଗ, ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଲୁଇସ୍ ରୋଡ୍, ବିଜେବି କଲେଜ ଏବଂ ରବି ଟକିଜ ଛକ ଦେଇ ଐତିହାସିକ ରାଜାରାଣୀ ମନ୍ଦିରଠାରେ ପହଂଚିଥିଲା । ଏହି କାର୍ଯ୍ୟକ୍ରମରେ ହଜାର ହଜାର କ୍ରୀଡ଼ାବିତ୍, ଯୁବଗୋଷ୍ଠୀ, ଦିବ୍ୟାଙ୍ଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇ ଓଡ଼ିଶାର ସମୃଦ୍ଧ କୀର୍ତ୍ତିରାଜିର ସୁରକ୍ଷା ଓ ପ୍ରଚାର ପାଇଁ ସଂକଳ୍ପ ନେଇଥିଲେ । ଏହି ଐତିହ୍ୟ ଗଣଦୌଡ଼ରେ ଚନ୍ଦନ ସାମଲ ପ୍ରଥମ, ସିଦ୍ଧାର୍ଥ କୁମାର ମିଶ୍ର ଦ୍ୱିତୀୟ ଏବଂ ବିଜୟ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏଥିରେ ବିଜୟୀ ହୋଇଥିବା ଚନ୍ଦନ ସାମଲ, ସିଦ୍ଧାର୍ଥ କୁମାର ମିଶ୍ର ଏବଂ ବିଜୟ ଅଗ୍ରୱାଲଙ୍କୁ ପଦକ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଐତିହ୍ୟ ଗଣଦୌଡ଼ରେ ସାମିଲ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପଦକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଐତିହ୍ୟ ଗଣ ଦୌଡ଼ ଅନୁଷ୍ଠିତ

ଖୋର୍ଦ୍ଧା, ୦୬/୪ (ନି.ପ୍ର): ଓଡ଼ିଶାର ଅସ୍ମିତା, ଓଡ଼ିଆର ପରମ୍ପରା , କଳା ଓ ସଂସ୍କୃତି କୁ ପୁନଃର୍ଜିବୀତ କରିବା ତଥା ଏହାର ମହତ୍ୱ ପ୍ରତ୍ୟେକ ଓଡିଆଙ୍କ ମନରେ ଜାଗ୍ରତ କରିବା ଉପଲକ୍ଷେ ଓଡ଼ିଆ ପକ୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳନ କରାଯାଉଅଛି । ଓଡ଼ିଶାର ଗୌରବମୟ ଇତିହାସ ସମଗ୍ର ବିଶ୍ୱକୁ ଅନୁପ୍ରାଣିତ କରିଛି । ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ଭଳି ଯୋଦ୍ଧା ନିଜ ଜୀବନକୁ ପଛରେ ପକାଇ ସ୍ୱାଧୀନତା ସଂଗ୍ରାମରେ ପାଇକ ମେଳି କରି ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ କରିଥିବା ବେଳେ ତତ୍କାଳୀନ ବି ଜେ ବି ଉଚ୍ଚ ବିଦ୍ୟାଳୟର ଛାତ୍ର ଶହୀଦ ଦିବାକର ପରିଡ଼ା ମାତ୍ର ୩୨ ବର୍ଷ ବୟସରେ ଦୁର୍ଦ୍ଧଶ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଠେଙ୍ଗାରେ ଯୁଦ୍ଧ କରି ଅତ୍ୟାଚାରକୁ ବିରୋଧ କରିଥିବାରୁ,ବ୍ରିଟିଶ୍ ସରକାର ତାଙ୍କୁ ଫାଶୀ ଖୁଂଟରେ ଝୁଲାଇଦେଇଥିଲେ । ଏଭଳି ସିଂହ ପରି ଓଡ଼ିଶାର ବରପୁତ୍ର ମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ବସୁରୀ ମାନଙ୍କ ଗାଥାକୁ ଅନୁସରଣ କରି ଓଡ଼ିଶାର ଅସ୍ମିତାକୁ ତଥା ଜିଲ୍ଲାର ଗାରିମାକୁ ଉଜ୍ଜୀବିତ କରି ରଖିବାକୁ ଆଜି ବି ଜେ ବି ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପରିଚାଳନାରେ ଏବଂ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ଆୟୋଜିତ ଐତିହ୍ୟ ଗଣ ଦୌଡ଼ ସମାବେଶରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ ପତାକା ଦେଖାଇ ଗଣଦୌଡ କୁ ଶୁଭାରମ୍ଭ କରି ଉପରୋକ୍ତ ବିଷୟ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଅଧକ୍ଷତା କରି ଏହି କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ କଳିଙ୍ଗର ଇତିହାସ ସମ୍ବନ୍ଧରେ ପିଲା ମାନଙ୍କୁ ଜାଣିବାକୁ ହେଲେ ଓଡ଼ିଆ ପକ୍ଷ ପାଳନର ସମସ୍ତ ଦିବସର ମହତ୍ୱ ବୁଝିବାକୁ ପରାମର୍ଶ ଦେଇ ଖୋର୍ଦ୍ଧା ବୀର ମାଟିର ଇତିହାସ ପଢି ଏକ ଅଗ୍ରଣୀ ଜିଲ୍ଲା ଗଢି ତୋଳିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି, ସଭାପତି ଓ ସମ୍ମାନିତ ଅତିଥି ମାନଙ୍କୁ ଉତରୀୟ ଓ ଚାରା କୁଣ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ବସ୍ତାରେ ନିବେଦିତା ଇଂଲିଶ ମିଡିୟମ ପ୍ଲେ ସ୍କୁଲ ଉଦ୍‌ଘାଟିତ




ବସ୍ତା , ୦୬/୪ (ନି.ପ୍ର): ବସ୍ତା ଠାରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ଇଂରାଜୀ ମାଧମ 'ସିଷ୍ଟର ନିବେଦିତା ଇଂଲିଶ ମିଡିୟମ ନର୍ସରୀ ଏଣ୍ଡ ପ୍ଲେ ସ୍କୁଲ' ଉଦଘାଟିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏହି ନବ ଗଠିତ ବିଦ୍ୟାଳୟକୁ ଆଜି ଏକ ଭବ୍ୟ ପରିବେଶରେ ବସ୍ତାର ବିଡିଓ ମିହିର କୁମାର ବେହେରା ଉଦଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଶ୍ରୀପତି ଚରଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଲଗ୍ନା +୨ ବିଜ୍ଞାନ ମହାବିଦ୍ୟାଳୟ ର ଚେୟାରମେନ ଘନଶ୍ୟାମ ବିଶ୍ୱାଳ ବସ୍ତା ଭଳି ଏକ କ୍ରମବର୍ଦ୍ଧିଷ୍ଣୁ ସହରାଞ୍ଚଳରେ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ୨୪ ବର୍ଷ ଧରି ଶିକ୍ଷାର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପରିଚାଳନା ପରିଷଦ,ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହଯୋଗରେ ଏହା ବାଲେଶ୍ୱର ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ସିଷ୍ଟର ନିବେଦିତା ଉର୍ଫ ମାର୍ଗାରେଟ ନୋବେଲଙ୍କ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଇଂରାଜୀ ଅଧ୍ୟାପକ ମୟୁଖ ମଣ୍ଡଳ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପାଠ ର ସରଳୀକରଣ ବ୍ୟାଖ୍ୟାନ ଦେଇଥିଲେ ଓ ଅଭିଭାବକ ମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ସତର୍କ କରାଇଥିଲେ। ପୂର୍ବତନ ଏବିଡିଓ ଶଙ୍କର କୁମାର କର, ସମ୍ପାଦକ ରାମଚନ୍ଦ୍ର ଦେବ ପ୍ରମୁଖ ଉଦବୋଧନ ଦେଇଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମ ବାୟୁ ସେନାର ଅବସର ପ୍ରାପ୍ତ ଅଧିକାରୀ ତଥା କୋଷାଧକ୍ଷ ପ୍ରଦୀପ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।ଭାଇସ ପ୍ରିନ୍ସିପାଲ ରଞ୍ଜିତା ପାଢୀ ସମସ୍ତ ପ୍ରକାର ସୂଚନା ପ୍ରଦାନ କରିଥିଲେ।

# ଆକ୍ରମଣ ଅଭିଯୁକ୍ତ ନିର୍ମଳ ଓଝାଙ୍କୁ ମୋଟ ୩ ବର୍ଷ କାରାଦଣ୍ଡ ସହ ୬,୫୦୦ ଟଙ୍କା ଜୋରିମାନାରେ ଦଣ୍ଡିତ କଲେ ହାଟଡିହି ଅଦାଲତ

## ମାମଲାର ପରିଚାଳନା କରୁଥିଲେ ସରକାରୀ ଆଇନଜୀବୀ ଚନ୍ଦନ ସ୍ୱାଇଁ




ଭଦ୍ରକ , ୦୬/୪ (ନି.ପ୍ର): ହାଟଡିହି ଜ.ଏମ. ଏଫ. ସି ଅଦାଲତ ର ବିଚାରପତି ଶ୍ରୀଯୁକ୍ତ ସୌରଭ ଶର୍ମା ଜି. ଆର କେସ ନଂ - ୪୬୦/୨୦୧୦ ମାମଲା ର ବିଚାର କରି ରାୟ ପ୍ରଦାନ କରିଛନ୍ତି । ନନ୍ଦୀପଦା ଥାନା ଅଧୀନ ନୂଆରମ୍ଭାସ ଅଞ୍ଚଳ ରେ ୧୭.୧୦.୨୦-୧୦ରେ ଏହି କେସ ର ଏତଲାକରି ମହେଶ୍ୱର ସୁତାର ଙ୍କର ଭାଇ ଲକ୍ଷ୍ମଣ ସୁତାରଙ୍କୁ ଏହି କେସ ର ମୁଦାଲା ମାନେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷା ରେ ଗାଳିଗୁଲଜ କରିଥିଲେ. ସେଥିପାଇଁ ନନ୍ଦିପଦା ଥାନା ରେ ପି.ଏସ କେସ ନଂ - ୭୧/୨୦୧୦ ଆଧାର ରେ ଏକ ମାମଲା ରୁଜୁ ହୋଇ କୋର୍ଟ ରେ ବିଚରାଧୀନ ଥିଲା। ମାନ୍ୟବର ଅଦାଲତ ସମସ୍ତ ସାକ୍ଷୀ ପ୍ରମାଣ ଏବଂ ଇଞ୍ଜୁରୀ ରିପୋର୍ଟ କୁ ଭିତିକରି ଆଜି ଅଭିଯୁକ୍ତ ନିର୍ମଳ ଓଝା କୁ ଭାରତୀୟ ଦଣ୍ଡ ବିଧି ଆଇନ ର ଧାରା ୩୪୧,୩୨୩,୩୨୫ ଅନୁସାରେ ରେ ଦଣ୍ଡ ପ୍ରଦାନ କରିଛନ୍ତି। ଧାରା -୩୪୧ ଅନୁସାରେ ଦୋଷୀ କୁ ୫୦୦ ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ୭ ଦିନ ସରଳ ଜେଲ ଦଣ୍ଡ ଏବଂ ଧାରା - ୩୨୩ ଅନୁସାରେ ଦୋଷୀକୁ ୧ ବର୍ଷ ଦଣ୍ଡା ଦେଶ ସହିତ ୧୦୦୦ ଟଙ୍କା ଜୋରିମାନା ଓ ଜୋରିମାନା ଅନା ଦେୟେ ୧୦ ଦିନ ସରଳ କାରାଦଣ୍ଡାଦେଶ ଏବଂ ଧାରା - ୩୨୫ ଅନୁସାରେ ଦୋଷୀକୁ ୨ ବର୍ଷ କାରାଦଣ୍ଡ ସହିତ ୫୦୦୦ ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ୩୦ ଦିନ ସରଳ କାରାଦଣ୍ଡଦେଶ ପ୍ରଦାନ କରିଛନ୍ତି । ଅଦାଲତ ସମସ୍ତ ୩ ବର୍ଷ ଦଣ୍ଡ ଓ ଜୋରିମାନା କୁ ଏକା ସମୟରେ ଦୋଷୀ କୁ ଭୋଗ କରିବାକୁ ରାୟ ପ୍ରଦାନ କରିଛନ୍ତି । ଘଟଣାରୁ ପ୍ରକାଶ ଏହିକି ଯେ, ସରକାର ଙ୍କର ତରଫରୁ ଏହି ଅପରାଧିକା ମାମଲା କୁ ଓଡିଶା ପ୍ରୋସିକ୍ୟୁସନ ସର୍ଭିସ - ୨୦୨୨ ବ୍ୟାଚ ର କ୍ୟାଡ଼ର ସରକାରୀ ଆଇନଜୀବୀ ଚନ୍ଦନ କୁମାର ସ୍ୱାଇଁ ପରିଚାଳନା କରୁଥିଲେ । କେନ୍ଦୁଝର ଜିଲ୍ଲା ଲୋକ ଅଭିଯୋଗ ନିର୍ଦ୍ଦେଶାଳୟ ସରକାରୀ ଅଧିବକ୍ତା ଚନ୍ଦନ କୁମାର ସ୍ୱାଇଁ ଙ୍କୁ ମାମଲାର ବିଚାର, ଯୁକ୍ତି ଓ ଦଣ୍ଡ ଶୁଣାଣି ସମୟରେ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

# ରାଷ୍ଟ୍ରପତିଙ୍କଠାରୁ ସମ୍ମାନସୂଚକ ପୁରସ୍କାର ପାଇବ ଓଡିଶା ପୋଲିସ

ଭୁବନେଶ୍ୱର, ୦୬/୪ (ନି.ପ୍ର): ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନସୂଚକ ପୁରସ୍କାର ପାଇବ ଓଡିଶା ପୋଲିସ । ଏଥିପାଇଁ ଓଡ଼ିଶା ଆସିବେ ମହାମହିମ ରାଷ୍ଟ୍ରପତି। ରାଜ୍ୟ ପୋଲିସକୁ ଦେବେ ପ୍ରେସିଡେନ୍ଟ କଲର୍ ଆୱାର୍ଡ।ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଭାରତରେ ଏକ ସାମରିକ ୟୁନିଟ୍, ତାଲିମ ପ୍ରତିଷ୍ଠାନ କିମ୍ବା ପୋଲିସ୍ ଫୋର୍ସକୁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର ହେଉଛି ପ୍ରେସିଡେନ୍ଟ କଲର୍। ସାହସିକତା ଏବଂ ବୃତ୍ତିଗତ ସେବାକୁ ସ୍ୱୀକୃତି ଦେଇଥାଏ ଏହି ପୁରସ୍କାର। ଏକ ଆନୁଷ୍ଠାନିକ ପତାକା ଏବଂ ଉତ୍କର୍ଷତାର ପ୍ରତୀକ ଭାବରେ ଏହା କାର୍ଯ୍ୟ କରେ । ଏହି ପୁରସ୍କାର ବା ସମ୍ମାନର ପ୍ରତୀକ । ଯାହା ଅଧିକାରୀମାନେ ସେମାନଙ୍କ ୟୁନିଫର୍ମର ବାମ ହାତରେ ପିନ୍ଧନ୍ତି।

# ବିଜେପି ପ୍ରତିଷ୍ଠା ଦିବସରେ ରାଜ୍ୟ କାର୍ଯ୍ୟାଳୟରେ ସମ୍ମାନିତ ହେଲେ: କୃଷ୍ଣ ଚନ୍ଦ୍ର ଦତ୍ତ




ବାଲେଶ୍ୱର, ୦୬/୪ (ନି.ପ୍ର): ଆଜି ରାଜ୍ୟ କାର୍ଯ୍ୟାଳୟରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଏପ୍ରିଲ ୬ ତାରିଖରେ ଦିବ୍ୟ ଓ ଭବ୍ୟ ଆକାରରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ରାଜ୍ୟ କାର୍ଯ୍ୟଳୟରେ ବିଜେପି ପ୍ରତିଷ୍ଠା ଦିବସ ପାଳନ ଅବସରରେ ଓଡ଼ିଆ ଅସ୍ମିତା ର ଝଲକ ଦେଖିବାକୁ ମିଳିଥିଲା ଯେମିତିକି ପାର୍ଟି କାର୍ଯ୍ୟାଳୟ କୁ ବିଭିନ ପ୍ରକାର ରଙ୍ଗୋଲିରେ ସୁସଜିତ କରାଯାଇଥିଲା। ବିଜେପି ପତାକା ଉତ୍ତଳନ ପରେ ରାଜ୍ୟ କାର୍ଯ୍ୟାଳୟରେ ୪୭ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବାଲେଶ୍ୱର (ଉତ୍ତର ) ମନକି ବାତ କାର୍ଯ୍ୟକ୍ରମରେ ଲଗାତାର ବାର ବାର ସାରା ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲା କୋଡିନେଟର ତଥା ଜିଲ୍ଲା ଉପସଭାପତି ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ଦତ୍ତ ଙ୍କୁ ଆଜି ଭଳି ପବିତ୍ର ଦିନ ରେ ରାଜ୍ୟ ତରଫରୁ ସମ୍ମାନିତ କରାଯାଇଅଛି। ଶ୍ରୀ ଦତ୍ତ ଙ୍କୁ ଓଡ଼ିଶା ବିଜେପି ର କେନ୍ଦ୍ରୀୟ ପ୍ରଭାରୀ ଶ୍ରୀଯୁକ୍ତ ବିଜୟ ପାଲ ସିଂ ତୋମର, ରାଜ୍ୟ ପୂର୍ବତନ ସଭାପତି ଶ୍ରୀଯୁକ୍ତ ସମୀର ମହାନ୍ତି, ରାଜ୍ୟ ସଂଗଠନ ମହାମନ୍ତ୍ରୀ ଶ୍ରୀ ମାନସ ମହାନ୍ତି, ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରି ଓ ଅନେକ ରାଜ୍ୟ ନେତୃବୃନ୍ଦ ଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ଆମ ବାଲେଶ୍ୱର (ଉତ୍ତର )ର ସମସ୍ତ ବିଜେପି କାର୍ଯ୍ୟକର୍ତା ଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀ ଦତ୍ତ ଏହି ସମ୍ବର୍ଦ୍ଧନା ପାଇବାର ଶ୍ରେୟ ମନକି ବାତର ସମସ୍ତ କୋଡିନେଟର, ବସ୍ତା, ଜଳେଶ୍ୱର ଓ ଭୋଗରାଇ ର ବିଜେପି ନେତା, ଜିଲ୍ଲା ସଭାପତି ପ୍ରଦୀପ ପଣ୍ଡା ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ତେହେରାନ ଉପରେ...

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍ଜ ଘୋଷଣା କରିଛନ୍ତି ଯେ ଇସ୍ରାଏଲ ଆସାଲୁୟେରେ ସାଉଥ୍ ପାର୍ସ ପେଟ୍ରୋକେମିକାଲ ପ୍ଲାଣ୍ଟ୍ ଉପରେ ଆକ୍ରମଣ କରିଛି। ଏଠାରୁ ଦେଶର ୫୦ ପ୍ରତିଶତ ପେଟ୍ରୋକେମିକାଲ ଉତ୍ପାଦନ ହେଉଥିବାବେଳେ ଏହା ଏବେ କେନ୍ଦ୍ରୀୟ ଟାର୍ଗେଟ୍‌ରେ ପରିଣତ ହୋଇଛି। ଅନ୍ୟପକ୍ଷେ ଇରାନ ଆଜି ଇସ୍ରାଏଲର ହାଇଫାରେ ୧୦ଟି ସ୍ଥାନରେ ଆକ୍ରମଣ କରିଛି। ହାଇଫାରେ ଏକ ଜନବସତି ଅଞ୍ଚଳ ଉପରେ ଇରାନ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିବା ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ୨ ଜଣ ନିଖୋଜ ଅଛନ୍ତି। ଇରାନ ଆକ୍ରମଣ ଫଳରେ କେନ୍ଦ୍ରୀୟ ଇସ୍ରାଏଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ଧମକର କଡ଼ା ଜବାବ ଦେଇଛି ଇରାନ। ଏହାର ଭିତ୍ତିଭୂମି ଉପରେ କୌଣସି ପ୍ରକାର ଆକ୍ରମଣ ହେଲେ ଇରାନ ପ୍ରଚଣ୍ଡ ଆକ୍ରମଣ ସହ କଡ଼ା ଜବାବ ଦେବ ବୋଲି କହିଛି। ଇରାନ ବିଦେଶ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ଇସମେଲ ବଘେଇ କହିଛନ୍ତି, ଟ୍ରମ୍ପଙ୍କ ଧମକକୁ ଇରାନ ଖାତିର କରୁନି। ଇରାନ କୌଣସି ପ୍ରକାର ଅସୁବିଧାଜନକ ଚୁକ୍ତିରେ ପଶିବନି ବୋଲି ସେ କହିଛନ୍ତି। ଏଥିସହ ଟ୍ରମ୍ପଙ୍କ ଟିପ୍ପଣୀ ଏକ ଆପରାଧିକ ମାନସିକତାର ସଙ୍କେତ ବୋଲି ସେ କହିଛନ୍ତି। ଇତି ମଧ୍ୟରେ ଇରାନର ଜଣେ ଶୀର୍ଷ ଅଧିକାରୀ କହିଛନ୍ତି ଯେ, ଏକ ଅସ୍ଥାୟୀ ଯୁଦ୍ଧବିରତି ବଦଳରେ ଇରାନ ହର୍ମୁଜ ପ୍ରଣାଳୀ ଖୋଲିବ ନାହିଁ।

### ୫କେଜି ସିଲିଣ୍ଡର ...

ଛାତ୍ରଛାତ୍ରୀ ଓ ଶ୍ରମିକ ପରିଚୟପତ୍ର ଦେଖାଇ ସିଲିଣ୍ଡର ନେଇପାରିବେ । ଯେଉଁମାନେ ବେଆଇନ ଭାବେ ସିଲିଣ୍ଡର ରଖୁଛନ୍ତି ସେମାନଙ୍କ ଠିକଣାରେ ଚଢ଼ାଉ କରାଯାଉଛି । ବିଭାଗୀୟ ସଚିବ ସାମ୍ବାଦିକ ସମ୍ମିଳନୀ କରି ଏନେଇ ସୂଚନା ଦେଇଛନ୍ତି । ରାଜ୍ୟରେ ଏଲପିଜି ଓ ତେଲ ଅଭାବ ନଥିବା ମଧ୍ୟ ସ୍ପଷ୍ଟ କରିଛନ୍ତି ଯୋଗାଣ ବିଭାଗ ସଚିବ । ଲୋକଙ୍କୁ ପରାମର୍ଶ ଦେଇ କହିଛନ୍ତି ଭୟଭୀତ ହୁଅନ୍ତୁ ନାହିଁ । ରିଫିଲ୍ ପାଇଁ ସହରାଞ୍ଚଳରେ ୨୫ ଦିନ, ଗ୍ରାମାଞ୍ଚଳରେ ୪୫ଦିନ ରଖାଯାଇଛି । ଜିଲ୍ଲାପାଳଙ୍କ ଅଧକ୍ଷତାରେ କମିଟି ଗଠନ କରାଯାଇଛି । ଯେଉଁଠି ରିପୋର୍ଟ ଆସିଛି, ସେଠି ପଦକ୍ଷେପ ନିଆଯାଉଛି । କଳାବଜାରୀ ରୋକିବାକୁ ନିୟମ ଅନୁସାରେ ହେଉଛି ଚଢ଼ାଉ । ଏପର୍ଯ୍ୟନ୍ତ ଜବତ ହୋଇଛି ୩୧ଶହ ୫ଶହଟି ଟାଙ୍କି । ଖାଦ୍ୟ ସାମଗ୍ରୀ ଉପରେ ବି ନଜର ରହିଛି । କେମିତି ଦର ବୃଦ୍ଧି ନହେବ ତା' ଉପରେ ଗୁରୁତ୍ୱ ଦିଆଯାଉଛି ।

### ବଢୁଛି ବେକାରି, ଅବସରପ୍ରାପ୍ତଙ୍କୁ ଚାକିରି:...

ରିପୋର୍ଟ ସର୍ତ୍ତକୁ ହଟାଇ ଦିଆଯାଇଛି । ଖୋଲା ବିଜ୍ଞାପନ ଜରିଆରେ ପୁନଃନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ ହୋଇଛି । ମୋଟ ପଦବୀର ୧ ପ୍ରତିଶତ ଅବସରପ୍ରାପ୍ତଙ୍କ ପୁନଃନିଯୁକ୍ତି ନିୟମରେ ପୂର୍ଣ୍ଣଚ୍ଛେଦ ଟଣାଯାଇଛି । ପୁନଃନିଯୁକ୍ତି ପୂର୍ବରୁ ସରକାରୀ ବାସଭବନ ଖାଲି କରିବାର ବାଧ୍ୟତାମୂଳକ ନିୟମ ହଟିଛି । ଯାହା ପ୍ରାଶାସନିକ ସ୍ତରରେ ଅନେକ ପ୍ରଶ୍ନବାଚୀ ଛିଡା କରିଛି । କେଉଁ ପରିସ୍ଥିତିରେ ଓ କାହା ଚାପରେ ନିୟମକୁ କୋହଳ କରାଗଲା ? ତାହାକୁ ନେଇ ବଢିଛି ଚର୍ଚ୍ଚା । ଗୋଟିଏ ପଟେ ରାଜ୍ୟରେ ବେକାରୀ ହାର ବଢୁଛି । ଯୁବବର୍ଗ ନିଯୁକ୍ତି ସନ୍ଧାନରେ । ଏଭଳି ସ୍ଥିତିରେ ପୁନଃନିଯୁକ୍ତି ପ୍ରକ୍ରିୟାକୁ କୋହଳ କରି ଅବସରପ୍ରାପ୍ତଙ୍କୁ ଥଇଥାନ କରିବାକୁ ଚାହୁଁଛନ୍ତି କି ସରକାର ?

### ତାମିଲନାଡୁ ନିର୍ବାଚନ...

ବରଂ ରାଜ୍ୟର ସାମାଜିକ ଏବଂ ନିର୍ବାଚନୀ ଗଣିତର ପ୍ରତିଫଳନ ବୋଲି ବିବେଚନା କରାଯାଉଛି। ଏହା ଦ୍ୱାରା ରାଜ୍ୟରେ ପାରମ୍ପରିକ ସାମାଜିକ ସମୀକରଣ ଧୀରେ ଧୀରେ ବଦଳିବାରେ ଲାଗିଛି। ବ୍ରାହ୍ମଣ ସମ୍ପ୍ରଦାୟ ତାମିଲନାଡୁର ମୋଟ ଜନସଂଖ୍ୟାର ପ୍ରାୟ ୩ ପ୍ରତିଶତ। ଫଳସ୍ୱରୂପ, ଅଧିକ ନିର୍ବାଚନୀ ପ୍ରଭାବ ଥିବା ସମ୍ପ୍ରଦାୟଗୁଡ଼ିକ ପାଖରେ ଦଳଗୁଡ଼ିକ ସେମାନଙ୍କର ମେଣ୍ଟ ଗଠନ କରୁଛନ୍ତି। ଏହି ସ୍ଥିତି ପୁଣି ଥରେ ତାମିଲନାଡୁ ରାଜନୀତିର ପୁରୁଣା ଚରିତ୍ରକୁ ଉଜାଗର କରିଛି। ଯେଉଁଠାରେ ସାମାଜିକ ପ୍ରତିନିଧିତ୍ୱ ଏବଂ ଭୋଟ ବ୍ୟାଙ୍କ ଗଣନା ନିର୍ବାଚନୀ ରଣନୀତିର ମୂଳ ଗଠନ କରିଥାଏ। ଏକ ରିପୋର୍ଟ ଅନୁଯାୟୀ, ଏଆଇଏଡିଏମ୍‌କେର ମତ ବର୍ତ୍ତମାନ ତାମିଲନାଡୁ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ବିଷୟ। ଏକଦା ବ୍ରାହ୍ମଣ ସମ୍ପ୍ରଦାୟର ଏକ ଦୃଢ଼ ସମର୍ଥକ ଥିବା ଏହି ଦଳ ଏଥର ଜଣେ ବି ବ୍ରାହ୍ମଣ ପ୍ରାର୍ଥୀଙ୍କୁ ଛିଡ଼ା କରାଇନାହିଁ, ଯାହା ରାଜନୈତିକ ମହଲ ମଧ୍ୟରେ ଆଲୋଚନାର ସୂତ୍ରପାତ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିତାଙ୍କ ମୃତ୍ୟୁ ପରଠାରୁ, ଦଳର ରଣନୀତି ନିରନ୍ତର ପରିବର୍ତ୍ତନ ହେଉଛି। ୨୦୨୧ ବିଧାନସଭା ନିର୍ବାଚନରେ ଶେଷଥର ପାଇଁ ଏଆଇଏଡିଏମ୍‌କେ କେବଳ ଜଣେ ବ୍ରାହ୍ମଣ ପ୍ରାର୍ଥୀ ଦେଇଥିଲା। ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଆର. ନଟରାଜନଙ୍କୁ ଦଳ ପ୍ରାର୍ଥୀ କରିଥିଲା। ତଥାପି, ଏଥର ଦଳ ଟିକେଟ ବଣ୍ଟନରୁ ଏହି ସମ୍ପ୍ରଦାୟକୁ ସମ୍ପୂର୍ଣ୍ଣ ଭାବରେ ବାଦ୍ ଦେଇଛି। ଆଶ୍ଚର୍ଯ୍ୟଜନକ ଭାବରେ, ଏଆଇଏଡିଏମ୍‌କେର ସହଯୋଗୀ ବିଜେପି ମଧ୍ୟ ନିଜର ୨୭ ପ୍ରାର୍ଥୀଙ୍କ ମଧ୍ୟରେ କୌଣସି ବ୍ରାହ୍ମଣଙ୍କୁ ସାମିଲ କରିନାହିଁ। ତାମିଲନାଡୁରେ ବ୍ରାହ୍ମଣ ସଂଗଠନଗୁଡ଼ିକ ବିଜେପି ଆଡକୁ ଢଳୁଥିବା ସାଧାରଣ ଧାରଣା ସତ୍ତ୍ୱେ, ଉଭୟ ଦଳର ଏହି ନିଷ୍ପତ୍ତିକୁ ରାଜନୈତିକ ଗତିଶୀଳତାରେ ପରିବର୍ତ୍ତନର ସଙ୍କେତ ଭାବରେ ଦେଖାଯାଉଛି । ତାମିଲନାଡୁ ରାଜନୀତିରେ ପ୍ରମୁଖ ଦଳଗୁଡ଼ିକ ପ୍ରାୟତଃ କିଛି ସମ୍ପ୍ରଦାୟ ପ୍ରତି ସତର୍କ କିମ୍ବା ସୀମିତ ଆଭିମୁଖ୍ୟ ଗ୍ରହଣ କରୁଥିବା ବେଳେ, କିଛି ଛୋଟ ଦଳ ଭିନ୍ନ ଉପାୟ ଗ୍ରହଣ କରୁଛନ୍ତି। ଏହି ଦଳଗୁଡ଼ିକ ବ୍ରାହ୍ମଣ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି । ଅଭିନେତା ବିଜୟଙ୍କ ଦଳ, ତାମିଲାଗା ଭେଟ୍ରି କାଝାଗମ, ଏଥର ଦୁଇଜଣ ବ୍ରାହ୍ମଣ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିଛି। ସିମନଙ୍କ ଦଳ, ନାମ ତାମିଲାର କାଚ୍ଚି, ଛଅ ଜଣ ବ୍ରାହ୍ମଣ ପ୍ରାର୍ଥୀଙ୍କୁ ଟିକେଟ ଦେଇଛି। ଏହି ପ୍ରାର୍ଥୀମାନଙ୍କୁ ସେହି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରାଯାଇଛି ଯେଉଁଠାରେ ଉଲ୍ଲେଖନୀୟ ସଂଖ୍ୟକ ବ୍ରାହ୍ମଣ ଭୋଟର ଅଛନ୍ତି।

### ଆକ୍ସନ ମୋଡ୍‌ରେ...

ମୁଖ୍ୟତଃ, ଓଡ଼ିଶା ବାହାରୁ ଆସୁଥିବା ୧୦ ବର୍ଷରୁ ଅଧିକ ପୁରୁଣା ଟ୍ରକ୍, ବସ୍ କିମ୍ବା ଅନ୍ୟାନ୍ୟ ବାଣିଜ୍ୟିକ ଗାଡ଼ି ଉପରେ ଲାଗିଛି 'ନୋ ଏଣ୍ଟ୍ରି' ବ୍ୟାନର । ନୂଆ ପରମିଟ୍ ତ ମିଳିବନି, ଓଲଟା ମାଲିକାନା ବଦଳାଇବା କିମ୍ବା ଟ୍ୟାକ୍ସ ଦେବା ପାଇଁ ଆରଟିଓ ଅଫିସ ଗଲେ ଆପଣଙ୍କୁ ନିରାଶ ହେବାକୁ ପଡ଼ିବ । ସଡ଼କ ଦୁର୍ଘଟଣା ରୋକିବା ଏବଂ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଏହା ଏକ ବଡ଼ ସଂସ୍କାରମୂଳକ ପଦକ୍ଷେପ ବୋଲି କୁହାଯାଉଛି ।

# ବେଳାଭୂମି ପ୍ରତିଭା ପୂଜା ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୦୬/୪ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ନବଗ୍ରହ ମନ୍ଦିର ନିକଟସ୍ଥ ରାଣୀ କୈଳାସ ଶିଖର କଲ୍ୟାଣ ମଣ୍ଡପ ପରିସରରେ ବେଳାଭୂମି ସାହିତ୍ୟ ଓ ପ୍ରତିଭା ପୂଜା ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥି ସହିତ ଓଡ଼ିଶାର ପ୍ରଖ୍ୟାତ କବି ପଦ୍ମଲୋଚନ ନାୟକଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ କବି ସୁଧାଂଶୁ ଶେଖର ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଚଳଚିତ୍ର ନିର୍ମାତା ସୁଶାନ୍ତ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଲେଖିକା ସରିତା ମହାନ୍ତି ଓ କବି ରତ୍ନାକର ବାରିକ୍। ଏହି ଉତ୍ସବରେ ମୁକ୍ତିକାନ୍ତ ବାରିକଙ୍କ କବିତା ସଂକଳନ କଣ୍ଟା କୁସୁମ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପୂର୍ବାଶା ପତ୍ରିକା ଉନ୍ମୋଚିତ ହୋଇଥିଲା।ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘର ସମ୍ପାଦକ କବି କୈଳାସ ଚନ୍ଦ୍ର ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜୀବ ଲୋଚନ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ କବି ରଞ୍ଜନ ନାୟକଙ୍କ ସଂଯୋଜନାରେ ବହୁ କବି କବିତା ପାଠ କରିଥିଲେ। ସମସ୍ତ କବି ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରା ଯାଇଥିଲା। ପୂର୍ବାଶାର ଯୁଗ୍ମ ସମ୍ପାଦକ ପ୍ରିୟ ରଞ୍ଜନ ରାଉତ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ଚନ୍ଦ୍ର ମୋହନ ମହାରଣାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ




ରେମୁଣା , ୦୬/୪ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେମୁଣା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଗୁଡୁଦା ଗ୍ରା:ପ: ଅଧୀନସ୍ଥ ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ରେମୁଣାର ଜନ୍ମିତ , ସୁସାହିତ୍ୟିକ, ବୟାକରଣିକ ଚନ୍ଦ୍ର ମୋହନ ମହାରଣାଙ୍କ ୧୫୭ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ସାହିତ୍ୟିକ ଡ଼. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ,ପୂର୍ବତନ ସଭାପତି ଫକୀର ମୋହନ ସାହିତ୍ୟ ପରିଷଦ, ମୁଖ୍ୟ ବକ୍ତା ବ୍ୟାକରଣବିତ୍ ନିରଞ୍ଜନ ସାହୁ ,ସମ୍ମାନନୀୟ ଅତିଥି ଚନ୍ଦ୍ର ମୋହନଙ୍କ ଅଣନାତି ନାମଦେବ କମିଳା , ଅବସର ପ୍ରାପ୍ତ ଅଧକ୍ଷ ଡ. ଶ୍ୟାମ ସୁନ୍ଦର ପଣ୍ଡା ,ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ପ୍ରମୁଖ ଯୋଗ ଦେଇ ଚନ୍ଦ୍ର ମୋହନଙ୍କ ସାହିତ୍ୟକୃତି, ତାଙ୍କର ନୀତି ନିଷ୍ଠ ଜୀବନ ଉପରେ ଆଲୋକପାତ କରିବା ସହ ସେ ଜଣେ ଏକାଧାରରେ ସୁସାହିତ୍ୟିକ ,ପାଠ୍ୟ ପୁସ୍ତକ ଲେଖକ ,ଆଦର୍ଶ ଶିକ୍ଷକ , ବୟାକରଣିକ ଥିଲେ ବୋଲି ଅତିଥିଗଣ ମତ ଦେଇଥିଲେ । ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ରାଧା ଗୋବିନ୍ଦ ମହାର୍ଣ୍ଣା ସ୍ୱାଗତ ଭାଷଣ ଦେଇଥିଲେ । ବିନିସ୍ମିତା ଖଟୁଆ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ସଭାପରେ ଚନ୍ଦ୍ରମୋହନଙ୍କ ସ୍ୱରଚିତ କବିତାକୁ ନେଇ ଏକ କବିତା ପାଠୋତ୍ସବ କବୟିତ୍ରୀ ସତ୍ୟଭାମା ମୁଦୁଲି ଓ କଲ୍ୟାଣୀ ନନ୍ଦଙ୍କ ସଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ବାସନ୍ତୀ ଦେ, ବିକର୍ତ୍ତନ ନାୟକ , ରାଜକିଶୋର ମିଶ୍ର , ସୁନାମଣି ଜେନା ,ମହେନ୍ଦ୍ର ପ୍ରସାଦ ପାଣଗ୍ରାହୀ, ସଞ୍ଜୟ ପ୍ରଧାନ , ସଇଦିନ ବିବି, ଶ୍ରୀଧର ଘୋଷ ,ଗିରିଶ କୁମାର ଷଡ଼ଙ୍ଗୀ ,ପ୍ରଭାକର ସାହୁ ,ଯୋଗେନ୍ଦ୍ର ନାଥ ସିଂହ ,ଅଜୟ ବାରିକ ,ସନ୍ତୋଷ ଦାସ , ହିରାଲାଲ ପାକଳ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

# ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୦୬/୪ (ନି.ପ୍ର): ଭଦ୍ରକ ଜିଲ୍ଲା ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୭୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୨୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ , ମୁଖ୍ୟମନ୍ତ୍ରୀ ସହାୟତା ନିଧି ଅଧିନସ୍ଥ ୪ଟି ଓ ରେଡ କ୍ରଶ ଅଧିନସ୍ଥ ୪ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୪୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ନିଧି ଓ ଜିଲ୍ଲା ରେଡକ୍ରସ୍ ନିଧି ମାଧମରେ ୮ଜଣ ଅଭିଯୋଗକାରୀଙ୍କୁ ମୋଟ ୩୩,୦୦୦/- ଟଙ୍କା ମଞ୍ଜୁର କରାଯାଇଛି।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଉପସ୍ଥିତ ଥିବାବେଳେ ଜିଲ୍ଲା ଆରକ୍ଷି ଅଧିକ୍ଷକ , ମୁଖ ଉନ୍ନୟନ ଅଧିକାରୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଉପ ଜିଲ୍ଲାପାଳ, ଭଦ୍ରକ ବ୍ଲକ୍ ଅଧକ୍ଷା ମଧ ଉପସ୍ଥିତ ଥିଲେ।

# ଏସିଏଫଙ୍କ ବର୍ବରତା ପ୍ରତିବାଦରେ ଧାରଣା: ଏସଡିପିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନୀଳଗିରି , ୦୬/୪ (ନି.ପ୍ର): କୁଳଡିହା ଭାରାପ୍ରାପ୍ତ ଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ଗତ ମାର୍ଚ୍ଚ ୨୫ତାରିଖ ରାତ୍ରୀରେ ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଏବଂ ତାଙ୍କର ସାଥିଙ୍କୁ ନିର୍ମମଭାବରେ ମାଡମାରି ସଂଜ୍ଞାହୀନ କରିବା ଏବଂ ଫରେଷ୍ଟଗାର୍ଡଙ୍କ ହାତଭାଙ୍ଗିବା ଘଟଣାରେ ପୋଲିସରେ ଅଭିଯୋଗ ହୋଇଥିଲେ ମଧ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନନେବାରୁ ବାଧହୋଇ ଗାର୍ଡଙ୍କ ସ୍ତ୍ରୀ ଦୀପ୍ତିମୟୀ ଏବଂ ପରିବାର, ବନ୍ଧୁବାନ୍ଧବ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ କୁମାର ନାୟକଙ୍କ ସମେତ ନୀଳଗିରି ଅଞ୍ଚଳର ବହୁ ବୁଦ୍ଧିଜୀବୀ ଆଜି ୧୧ଟା ସମୟରେ ନୀଳଗିରି ଏସଡିପିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣା ଜାରିରହିଥିବା ବେଳେ ନୀଳଗିରି ଉପଖଣ୍ଡ ପୋଲିସ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଧାରଣାସ୍ଥଳକୁ ଆସି ଧାରଣାରତଙ୍କ ସହିତ ଆଲୋଚନା କରିବାସହିତ ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଧ୍ୱନି ପ୍ରତିଧ୍ୱନି

# ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ପାଳନ

ବାଲେଶ୍ୱର, ୦୬/୪ (ନି.ପ୍ର): ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆଜି ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରାଙ୍କ ଦ୍ୱାରା ଦଳୀୟ ପତାକା ଉତ୍ତୋଳନ ଏବଂ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ସମବେତ କର୍ମୀବୃନ୍ଦଙ୍କୁ ସମ୍ବୋଧିତ କରିବା ପରେ କାର୍ଯ୍ୟାଳୟ ଓ ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା। ସମ୍ମିଳନୀ କକ୍ଷରେ ଆୟୋଜିତ ସାଧାରଣ ସଭାରେ ଦଳର ୬୦ ବର୍ଷରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଓ ସାଂସଦ ତାଙ୍କ ଉଦବୋଧନରେ କର୍ମୀମାନଙ୍କୁ ଦଳର ଇତିହାସ, ରାଷ୍ଟ୍ରୀୟ ଚେତନା, ବଳିଦାନ, ଦୀର୍ଘ ବର୍ଷର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ। ଲକ୍ଷ ଲକ୍ଷ କର୍ମୀଙ୍କ ତ୍ୟାଗ ତପସ୍ୟା ଓ ବଳିଦାନର ଫଳସ୍ୱରୂପ ଭାରତୀୟ ଜନତା ପାର୍ଟି ଆଜି ବିଶ୍ୱର ସର୍ବବୃହତ ରାଜନୈତିକ ଦଳର ମାନ୍ୟତା ପାଇଛି, ଏହା କେବଳ ଏକ ଉପଲବ୍ଧି ନୁହେଁ ବରଂ ଏହା ହେଉଛି ଦାଇତ୍ୱ, ନାଗରିକଙ୍କ ସାମଗ୍ରିକ ବିକାଶ ପାଇଁ ଓ ଦେଶକୁ ପରମବୈଭବଶାଳୀ କରିବା ପାଇଁ ଗୁରୁ ଦାୟିତ୍ୱ। ୨୦୪୭ ସୁଦ୍ଧା ଦେଶକୁ ବିକଶିତ ଭାରତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକୁ ସାକାର କରିବା ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ମୟୂରଭଞ୍ଜର ଐତିହ୍ୟ ସଂରକ୍ଷଣ ପାଇଁ 'ଇନଟାକ୍' ପକ୍ଷରୁ ଯୋଜନା ପ୍ରସ୍ତୁତ

ବାରିପଦା , ୦୬/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସମୃଦ୍ଧ କଳା, ଅମୂଲ୍ୟ ସଂସ୍କୃତି ଏବଂ ଲୁକ୍କାୟିତ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସହ ଏହାର ସଂରକ୍ଷଣ ପାଇଁ ବଡ଼ ପଦକ୍ଷେପ ନେଇଛି ଇନଟାକ୍‌ର ମୟୂରଭଞ୍ଜ ଚାପ୍ଟର। ଜିଲ୍ଲାର କୋଣ ଅନୁକୋଣରେ ବିଚ୍ଛୁରିତ ପ୍ରାକ୍-ଐତିହାସିକ ଓ ଐତିହାସିକ ସ୍ଥାପତ୍ୟଗୁଡ଼ିକର ବିଧିବଦ୍ଧ 'ରେକର୍ଡେଡ୍ ଡକ୍ୟୁମେଣ୍ଟେସନ୍' କରିବା ପାଇଁ ସଂସ୍ଥା ପକ୍ଷରୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ବାରିପଦା ଠାରେ ଏକ ସ୍ୱତନ୍ତ୍ର ଅଧିବେଶନରେ ମୟୂରଭଞ୍ଜ ଚାପ୍ଟର ର ନବ ନିଯୁକ୍ତ କନଭେନର ମହାରାଣୀ ରଶ୍ମୀ ରଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ କୋ- କନଭେନର ଡ. ଶ୍ୟାମ ସୁନ୍ଦର ଦାସ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯିବା ସହିତ ଆଗାମୀ ଏକ ବର୍ଷ ସକାଶେ ଯୋଜନା ମାନ ପ୍ରସ୍ତୁତ କରାଯାଇଥିଲା। ଏହି ଉତ୍ସବ ରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଐତିହାସିକ ତଥା ଇନଟାକ୍ ଓଡ଼ିଶା ଚାପ୍ଟର ର କୋ କନଭେନର ଅନିଲ ଧୀର ମୟୂରଭଞ୍ଜ ଚାପ୍ଟର ନିମନ୍ତେ ବିଭିନ୍ନ ଯୋଜନା ସବୁକୁ ଅବଗତ କରାଇଥିଲେ। ପ୍ରାୟ ଦୁଇ ହଜାର ବର୍ଷ ର ଇତିହାସ କୁ ବହନ କରିଆସିଥିବା ମୟୂରଭଞ୍ଜ ର ଐତିହ୍ୟ ର ସଂରକ୍ଷଣ ପାଇଁ ବିଶେଷ କୌଣସି କାର୍ଯ୍ୟ କରାଯାଇନଥିବା ସମୟରେ ଇନଟାକ୍ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ କାମକୁ କରାଯିବ ବୋଲି ଶ୍ରୀ ଧୀର ଘୋଷଣା କରିଛନ୍ତି। ଆଉ ଏହା ମହାରାଣୀଙ୍କ ନେତୃତ୍ୱରେ କରାଯିବାକୁ ଅନୁଷ୍ଠାନ ର ଜାତୀୟ ସ୍ତରର କର୍ମକର୍ତ୍ତା ମାନେ ନିଷ୍ପତ୍ତି ନେଇଥିବାର ବିଷୟ ସେ ପ୍ରକାଶ କରିଥିଲେ। ଜିଲ୍ଲାର ଅନେକ ଲୁକ୍କାୟିତ ଐତିହ୍ୟ ଓ ପ୍ରାକ୍-ଐତିହାସିକ ସ୍ଥଳ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସି ନାହିଁ। ଚଳିତ ବର୍ଷ ଶେଷ ସୁଦ୍ଧା ସମଗ୍ର ଜିଲ୍ଲାରେ ଡକ୍ୟୁମେଣ୍ଟେସନ୍ କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ଐତିହ୍ୟ ସ୍ଥଳଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ସହଜ ହେବ ବୋଲି ଆଶା କରାଯାଉଛି। ନୂତନ ପିଢ଼ିକୁ ମାଟିର ଇତିହାସ ସହ ଯୋଡ଼ିବା ପାଇଁ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ହେରିଟେଜ କ୍ଲବ୍ ମାନ ପ୍ରତିଷ୍ଠା କରାଯିବ। ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍‌ମାନଙ୍କ ସହଯୋଗରେ ଜିଲ୍ଲାର ଗୌରବମୟ ଇତିହାସର ପ୍ରଚାର-ପ୍ରସାର କରାଯିବ ଏବଂ ସେମାନଙ୍କୁ ସଂରକ୍ଷଣ କାର୍ଯ୍ୟରେ ସାମିଲ କରାଯିବ। ଜିଲ୍ଲାର ନଦୀ, ଧର୍ମାନୁଷ୍ଠାନ, ପାହାଡ଼-ପର୍ବତ, କିର୍ତ୍ତିରାଜି, କଳା-ସଂସ୍କୃତି, ନୃତ୍ୟ, ଶିଳ୍ପ ଏବଂ ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ବଞ୍ଚାଇ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ମୟୂରଭଞ୍ଜର ଅମୂଲ୍ୟ ସମ୍ପଦକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବା ପାଇଁ ଲୋକଙ୍କ ସହଯୋଗ ଆବଶ୍ୟକ। ଲୋକଙ୍କ ସହଯୋଗ ମାଧମରେ ହିଁ ଏହି ଐତିହ୍ୟ ଆନ୍ଦୋଳନ ସଫଳ ହୋଇପାରିବ। ତେଣୁ ଏଥିରେ ନୂତନ ସଦସ୍ୟ ମାନଙ୍କୁ ଯୋଡ଼ିବା ପାଇଁ ମଧ ନିଷ୍ପତ୍ତି ହୋଇଛି।



# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୦୬/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୨୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୧୧ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୨୧ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ସଂଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଷଷ୍ଠ ଦିନରେ ସ୍ୱଚ୍ଛତା ଅଭିଯାନ

ଖୋର୍ଦ୍ଧା , ୦୬/୪ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟର ସମସ୍ତ ଜିଲ୍ଲାରେ ଓଡ଼ିଆ ପକ୍ଷ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପଣା ସଂକ୍ରାନ୍ତି ତଥା ମହା ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଆରମ୍ଭ ପର୍ଯ୍ୟନ୍ତ ପାଳନ କରାଯାଉଅଛି । ଏହି ଉପଲକ୍ଷେ ଆଜି ଅପ୍ରେଲ ୬ ତାରିଖ ବିଭିନ୍ନ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସଦର ମହକୁମା ବରୁଣେଇ ମନ୍ଦିର ପୀଠ ଠାରେ ସଫେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି,ଉପାଧକ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଖୋର୍ଦ୍ଧା ପୌର ପରିଷଦ ସମସ୍ତ ୱାର୍ଡ ସଭ୍ୟା ଓ ସଭ୍ୟ, ସ୍ୱେଚ୍ଛା ସେବୀ ସଂଗଠନ କର୍ମକର୍ତ୍ତା ମାନେ ଯୋଗ ଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ । ଅତିଥି ମାନେ ଓଡ଼ିଆପକ୍ଷ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିବାସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଚ୍ଛତା ଅତି ଜରୁରିବୋଲି ଉଦବୋଧନ ପ୍ରଦାନ କରିଥିଲେ । ନିଜର ଘର,ବାଡ଼ି, ବଗିଚା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ପରିସର ତଥା ବିଭିନ୍ନ ଐତିହ୍ୟ ଓ ଦେବାଳୟ ସ୍ଥାନ, ସର୍ବସାଧାରଣ ସ୍ଥାନ ଗୁଡ଼ିକୁ ସଫା ସୁତରା ରଖିବାକୁ ହେଲେ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

# ପୁଣି ବିଜେଡିର ବଡ଼ ଆକ୍ସନ: ମୁକ୍ତିକାନ୍ତ ମଣ୍ଡଳ ଓ ମଞ୍ଜୁଲତା ମଣ୍ଡଳ ନିଲମ୍ବିତ

ଭୁବନେଶ୍ୱର, ୦୬/୪ (ନି.ପ୍ର): ବିଜେଡିର ପୁଣି ବଡ଼ ଆକ୍ସନ । ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ ହେଲେ ମୁକ୍ତିକାନ୍ତ ମଣ୍ଡଳ ଓ ମଞ୍ଜୁଲତା ମଣ୍ଡଳ । ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଏବଂ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ନିଲମ୍ବିତ ହୋଇଛନ୍ତି । ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜେଡିରୁ ସସ୍‌ପେଣ୍ଡ୍ କରାଯାଇଥିବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

10001/18/2627

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR: 10001/10003/2/26-27/0001

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ହଷ୍ଟେଲରେ ରହି ପଢ଼ିବାକୁ ଚାହୁଁଛନ୍ତି ଲୋଧା ଜନଜାତିର ଛାତ୍ର 'ସୋନୁ'

ଉଦଳା, ୦୬/୪ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ନେଦାମ ଗ୍ରାମରେ ଲୋଧା ଜନଜାତି ଲୋକଙ୍କର ଏକ ବସ୍ତି ରହିଛି । ଏହି ବସ୍ତିର ବାସିନ୍ଦା ଜୁଗଲ ନାଏକଙ୍କ ୧୩ ବର୍ଷ ବୟସର ପୁତ୍ର 'ସୋନୁ' ହଷ୍ଟେଲରେ ରହି ପାଠପଢ଼ିବାକୁ ଚାହୁଁଛନ୍ତି । ଏ ବାବଦରେ ପିତା 'ଜୁଗଲ' ଗଣମାଧମକୁ ଜଣାଇବା ସହ ପୁତ୍ର 'ସୋନୁ'ଙ୍କୁ କୌଣସି ଏକ ହଷ୍ଟେଲରେ ରଖିଦେବାକୁ ଗୁହାରି ଜଣାଇଛନ୍ତି । 'ସୋନୁ'ଙ୍କର ବିଦ୍ୟାଳୟ ଯିବା ବୟସ ହୋଇଯିବାରୁ ଗ୍ରାମ ନିକଟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ନାମ ଲେଖାଯାଇଥିଲା । ତହିଁପରଠାରୁ 'ସୋନୁ' ଆଜି ପର୍ଯ୍ୟନ୍ତ ଦିର୍ଘ ବର୍ଷ ଧରି ଆଦୌ ବିଦ୍ୟାଳୟକୁ ଯାଇନାହାଁନ୍ତି ବୋଲି ପିତା 'ଜୁଗଲ' କହିଛନ୍ତି । ତେବେ ବିଦ୍ୟାଳୟର ଖାତାରେ ନାମ ଗଡ଼ିଚାଲିଛି କି କଟିଯାଇଛି ତାହା ତାଙ୍କୁ ଜଣାନଥିବାର ଜଣାଇଛନ୍ତି । ସମଗ୍ର କପ୍ତିପଦା ଉପଖଣ୍ଡରେ ଏପରି ଦୃଶ୍ୟ ବହୁଳ ଭାବରେ ନିୟମିତ ଦେଖିବାକୁ ମିଳୁଛି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । 'ସୋନୁ' ହଷ୍ଟେଲରେ ରହି ପାଠ ପଢ଼ିବାକୁ ଚାହୁଁଥିବାରୁ ତାଙ୍କୁ ହଷ୍ଟେଲ ସିଟଟିଏ ଯୋଗାଇଦେଇ ପାଠପଢ଼ିବାର ସୁଯୋଗ ପ୍ରଦାନ କରିବାକୁ ବହୁ ସ୍ୱେଚ୍ଛାସେବି ଦାବି ଜଣାଇଛନ୍ତି ।



# ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ଜିକେ ଭଟ୍ଟର ହସ୍ପିଟାଲରେ ସ୍ୱଚ୍ଛତା ଅଭିଯାନ

ଜଳେଶ୍ୱର ୬/୦୪ (ନି.ପ୍ର ) ଜଳେଶ୍ୱର ନୂଆ ବଜାର ସ୍ଥିତ ଜି କେ ଭଟ୍ଟର ହସ୍ପିଟାଲରେ ପରିସରରେ ସ୍ୱଚ୍ଛତା ଅଭିଯାନ ପାଳନ ଅବସରରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ର ଉପ ସଭାପତି ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଆମ ସଂଗଠନ ର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ଶ୍ରୀ ଯୁକ୍ତ ସୁନୀଲ କୁମାର ନାୟକ, ରାଜ୍ୟ ଉତ୍କଳ ସମ୍ମିଳନୀ ତରଫରୁ ପବିତ୍ର ଉତ୍କଳ ଦିବସ ଅପ୍ରେଲ ୧ ତାରିଖରୁ ଅପ୍ରେଲ ୧୪ ତାରିଖ ପର୍ଯ୍ୟନ୍ତ କେବଳ ଅପ୍ରେଲ ୨ଓ୩ ତାରିଖ ପୋଷାକ ପରିଧାନ ଦିବସ ପାଳନ ଛଡ଼ା ୧୪ ଦିନ ବ୍ୟାପୀ ପ୍ରତ୍ୟେକ ଦିବସ ପାଳନ ଅବସରରେ ଆଜି ସ୍ୱଛତା ଅଭିଯାନ ଦିବସ ପାଳନ ଅବସରରେ ଜଳେଶ୍ୱର ଟିକେ ଭଟ୍ଟର ହସ୍ପିଟାଲରେ ସଫେଇ ତଥା ସଫେଇ କର୍ମଚାରୀ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ଜଳେଶ୍ୱର ଶାଖା ଉପସଭାପତି ଅଶୋକ କୁମାର ଦାସ, ସ୍ୱଛତା ଅଭିଯାନ ପାଳନ ର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ ।ସମ୍ପାଦକ ସୁନୀଲ କୁମାର ନାୟକ, ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ପରିଡା , ହସ୍ପିଟାଲରେ ସଫେଇ କର୍ମଚାରୀ କାଳୀଚରଣ ପ୍ରଧାନ ଏବଂ ଜଳେଶ୍ୱର ମୁନସୀ ପାଲିଟି ର ସଫେଇ କର୍ମଚାରୀ ରବି ବାସ୍କେ,ଓ କାହ୍ନୁ ଚରଣ ମାରାଣ୍ଡି ଙ୍କୁ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧକ୍ଷ ରବିନ୍ଦ୍ରନାଥ ବାରିକ।



❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida